Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୯, ଭୁବନେଶ୍ୱର, ୩ ରୁ ୯ ଜୁନ୍, ୨୦୨୪ Vol-1, Issue-29, Bhubaneswar, 3 to 9 June , 2024




# ୭୩ ପ୍ରତିଶତ ବିଧାୟକଙ୍କ ସମ୍ପତ୍ତି ବଢ଼ିଛି !

ଭୁବନେଶ୍ୱର (ଭିଓଭି): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଦଳର ୧୦୩ଜଣ ବିଧାୟକ ପ୍ରାର୍ଥୀ ପୁଣି ନିର୍ବାଚନ ଲଢୁଛନ୍ତି । ସେମାନଙ୍କର ହାରାହାରି ସମ୍ପତ୍ତି ପରିମାଣ ୫ ବର୍ଷରେ ୪ କୋଟିରୁ ୭ କୋଟି ହୋଇଛି । ଅର୍ଥାତ୍ ୭୩% ବୃଦ୍ଧି ପାଇଛି । ଏଥିରୁ ବିଜେଡିରୁ ୭୪ଜଣ ପୁଣି ଥରେ ଟିକଟ ପାଇ ନିର୍ବାଚନ ଲଢୁଛନ୍ତି । ସେମାନଙ୍କ ହାରାହାରି ସମ୍ପତ୍ତି ୫ କୋଟିରୁ ୮ କୋଟି ଅର୍ଥାତ୍ ପ୍ରାୟ ୫୪ ପ୍ରତିଶତ ବଢ଼ିଛି । ବିଜେପିର ୨୧ଜଣ ବିଧାୟକ ପୁଣି ଟିକେଟ ପାଇଛନ୍ତି । ସେମାନଙ୍କ ହାରାହାରି ସମ୍ପତ୍ତି ୧ କୋଟିରୁ ୨ କୋଟି ହୋଇଛି । ଅର୍ଥାତ୍ ପ୍ରାୟ ୭୪ % ବଢ଼ିଛି । କଂଗ୍ରେସର ୫ଜଣ ବିଧାୟକ ପୁଣି ଟିକେଟ ପାଇଛନ୍ତି । ସେମାନଙ୍କ ହାରାହାରି ସମ୍ପତ୍ତି ୧ କୋଟିରୁ ୩ କୋଟି ହୋଇଛି ଅର୍ଥାତ୍ ପ୍ରାୟ ୧୨୨ % ବଢ଼ିଛି ।

୧୨୮୫ ବିଧାୟକ ପ୍ରାର୍ଥୀଙ୍କ ଭିତରେ ସବୁଠାରୁ ଅଧିକ ସମ୍ପତ୍ତି ଥିବା ବିଧାୟକ ପ୍ରାର୍ଥୀ ହେଉଛନ୍ତି ବିଜେପିର ଦିଲୀପ ରାୟ । ତାଙ୍କ ପାଖରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଶି ମୋଟ ୩୧୩ କୋଟି ଟଙ୍କାର ସମ୍ପତ୍ତି ରହିଛି । ତାଙ୍କ ତଳକୁ ବିଜେପିର ସନାତନ ମହାକୁଡ଼ଙ୍କ ପାଖରେ ୨୨୭ କୋଟି, ବିଜେପିର ବସ୍ତା ପ୍ରାର୍ଥୀ ସୁବାସିନୀ ଜେନାଙ୍କ ପାଖରେ ୧୩୫ କୋଟି, ସୌମ୍ୟରଂଜନ ପଟ୍ଟନାୟକଙ୍କ ପାଖରେ ୧୨୨ କୋଟି ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ପାଖରେ ୧୨୦ କୋଟିର ସମ୍ପତ୍ତି ରହିଛି । ଏମିତି ଅନେକ ପ୍ରାର୍ଥୀ ଅଛନ୍ତି ଯେଉଁମାନଙ୍କ ପାଖରେ ମାତ୍ର ୧ ହଜାର କିମ୍ବା ୨ ହଜାର ଟଙ୍କାର ସମ୍ପତ୍ତି ରହିଥିବା ଦର୍ଶାଇଛନ୍ତି । ଅଧିକ ଋଣ କରିଥିବା ବିଧାୟକ ପ୍ରାର୍ଥୀଙ୍କ ଭିତରେ ସୌମ୍ୟ ପଟ୍ଟନାୟକ ଶୀର୍ଷରେ ଅଛନ୍ତି । ତାଙ୍କ ଋଣ ପରିମାଣ ୧୦୬ କୋଟି, ସୁବାସିନୀ ଜେନାଙ୍କ ଋଣ ୨୯ କୋଟି ଓ ନିରଂଜନ ପଟ୍ଟନାୟକଙ୍କ ଋଣ ୨୦ କୋଟି ରହିଥିବା ଦର୍ଶାଇଛନ୍ତି ।

ଆୟକର ବିବରଣୀକୁ ଦେଖିଲେ, ବର୍ଷକୁ ସବୁଠାରୁ ଅଧିକ ଆୟ କରୁଥିବା




ପ୍ରାର୍ଥୀଙ୍କ ଭିତରେ ଅଛନ୍ତି ଦୀପାଳି ଦାସ । ତାଙ୍କର ବାର୍ଷିକ ଆୟ ପ୍ରାୟ ୬ କୋଟି ରହିଛି । ସେମିତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ବାର୍ଷିକ ଆୟ ୫ କୋଟି ଓ ସୁବାସିନୀ ଜେନାଙ୍କ ବାର୍ଷିକ ଆୟ ୩ କୋଟି ରହିଥିବା ଦର୍ଶାଇଛନ୍ତି । ଦିଲୀପ ରାୟ ତାଙ୍କ ବାର୍ଷିକ ଆୟ ପାଖାପାଖି ୩ କୋଟି ରହିଥିବା ଦର୍ଶାଇଛନ୍ତି ।

ବିଜେଡିର ୮୮ ପ୍ରତିଶତ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ, ବିଜେପିର ୬୫ ପ୍ରତିଶତ, କଂଗ୍ରେସର ୬୧ ପ୍ରତିଶତ ଓ ଆପ୍‌ର ୨୭ ପ୍ରତିଶତ କୋଟିପତି ପ୍ରାର୍ଥୀ ଅଛନ୍ତି । ପୁଣି ଥରେ ନିର୍ବାଚନ ଲଢୁଥିବା ୫ ବିଧାୟକ ପ୍ରାର୍ଥୀଙ୍କର ସମ୍ପତ୍ତି ୫ ବର୍ଷରେ କମିଯାଇଛି । ଦୀପାଳି ଦାସଙ୍କ ସମ୍ପତ୍ତି ୪୦ କୋଟିରୁ ୩୭ କୋଟି, ଅନନ୍ତ ନାରାୟଣ ଜେନାଙ୍କ ସମ୍ପତ୍ତି ୩ କୋଟିରୁ ୧ କୋଟି, ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମ୍ପତ୍ତି ୩ କୋଟିରୁ ୨ କୋଟି ହୋଇଯାଇଛି । ଏଥର ନିର୍ବାଚନରେ ସବୁଠାରୁ ଅଧିକ ବୟସର ପ୍ରାର୍ଥୀଙ୍କ ଭିତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସବୁଠୁ ଅଧିକ ବୟସରେ କେନ୍ଦୁଝର ପାଟଣାରୁ ନିର୍ବାଚନ ଲଢୁଛନ୍ତି କଂଗ୍ରେସ ପ୍ରାର୍ଥୀ ହୃଷୀକେଶ ନାୟକ । ତାଙ୍କର ବୟସ ସର୍ବାଧିକ ୮୩ ବର୍ଷ ରହିଛି । ତା ପରେ ନିରଂଜନ ପଟ୍ଟନାୟକଙ୍କ ବୟସ ୮୧ ରହିଛି । ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ବୟସ ୮୦ ରହିଛି । ସେମିତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୟସ ୭୭ ରହିଛି ।

ନିର୍ବାଚନ ରାଜନୀତିରେ କ୍ରମଶଃ ଅଧିକ ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀ ପ୍ରବେଶ କରୁଛନ୍ତି । ବିଜେପିର ୫୮% ପ୍ରାର୍ଥୀଙ୍କ ନାଁରେ ୫ ବର୍ଷରୁ ଅଧିକ ଦଣ୍ଡ ପାଇବା ଭଳି ଗୁରୁତର ମାମଲା ଥିବାବେଳେ କଂଗ୍ରେସର ୩୦ ପ୍ରତିଶତ ଓ ବିଜେଡିର ୨୨ ପ୍ରତିଶତ ପ୍ରାର୍ଥୀଙ୍କ ନାଁରେ ଗୁରୁତର ମାମଲା ରହିଛି । ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମସ ବା ଏଡିଆର ପକ୍ଷରୁ ଜାରି କରାଯାଇଥିବା ଏହି ରିପୋର୍ଟରେ ଦଳଗୁଡ଼ିକ ବିନା କାରଣରେ ଅଧିକ ଧନଶାଳୀ ଓ ଅପରାଧିକ ପ୍ରାର୍ଥୀଙ୍କୁ ଟିକେଟ ଦେଉଥିବା ଦର୍ଶାଯାଇଛି ।

# ରାଜ୍ୟରେ ବଢୁଛି ଦାଗୀ ବିଧାୟକଙ୍କ ସଂଖ୍ୟା !

ଭୁବନେଶ୍ୱର (ଭିଓଭି): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ବିଜୟୀ ହୋଇ ଆସିଥିବା ପ୍ରାର୍ଥୀଙ୍କ ଭିତରେ କ୍ରମଶଃ ଗୁରୁତର ଅପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳିଛି । ୨୦୦୯ ପରଠାରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ, ଗୁରୁତର ମାମଲା ଥିବା ବିଧାୟକଙ୍କ ପ୍ରତିଶତ ୨୧ରୁ ୪୬ ପ୍ରତିଶତକୁ ବଢ଼ିଯାଇଛି । ୫ ବର୍ଷରୁ ଅଧିକ ଦଣ୍ଡ ପାଇବାର ଆଶଙ୍କା ଥିବା ମାମଲାଗୁଡ଼ିକୁ ଗୁରୁତର ଅପରାଧିକ ମାମଲାରେ ରଖିଛି ଏଡିଆର ବା ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ । ସେହିଭଳି ଦିନକୁ ଦିନ କୋଟିପତି ବିଧାୟକଙ୍କ ସଂଖ୍ୟା ବଢୁଛି । ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ କୋଟିପତି ବିଧାୟକଙ୍କ ପ୍ରତିଶତ ୨୨ରୁ ୭୩ରେ ପହଁଚିଛି । ଅର୍ଥାତ୍ ଏବେ ୧୦୦ ଜଣରୁ ୭୩ଜଣ ବିଧାୟକ ହେଲେ କୋଟିପତି । ଏହାସତ୍ତ୍ୱେ ଏଥର ନିର୍ବାଚନରେ ସବୁଠାରୁ କମ୍ ସମ୍ପତ୍ତି ଥିବା ସଂଜଳି ମୁର୍ମୁ ବି ବିଧାୟିକା ଭାବେ ଜିତିଛନ୍ତି । ସଂଜଳି ମୁର୍ମୁ ହେଉଛନ୍ତି ମୟୁରଭଞ୍ଜ ବାଙ୍ଗିରିପୋଷିର ବିଜେପି ପ୍ରାର୍ଥୀ । ତାଙ୍କ ପାଖରେ ମାତ୍ର ୩୫ ହଜାର ଟଙ୍କାର ସମ୍ପତ୍ତି ଥିବା ସେ ଦର୍ଶାଇଛନ୍ତି । ସେହିଭଳି ମାଲକାନଗିରି ଚିତ୍ରକୋଣ୍ଡାରୁ କଂଗ୍ରେସ ପ୍ରାର୍ଥୀ ମଙ୍ଗୁ ଖିଲଙ୍କ ପାଖରେ ମାତ୍ର ୧ ଲକ୍ଷ ଟଙ୍କା ସମ୍ପତ୍ତି ଥିବାବେଳେ କୋରାପୁଟ ଲକ୍ଷ୍ମୀପୁରର କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉନ୍ତଙ୍କ ପାଖରେ ମାତ୍ର ୨ ଲକ୍ଷ ଟଙ୍କା ସମ୍ପତ୍ତି ରହିଛି । ସବୁଠାରୁ ଅଧିକ ସମ୍ପତ୍ତି ଥିବା ପ୍ରାର୍ଥୀ ଭାବରେ ବିଜୟୀ ହୋଇଛନ୍ତି- କେନ୍ଦୁଝର ଜିଲ୍ଲା ଚମ୍ପୁଆରୁ ବିଜେଡିର ସନାତନ ମହାକୁଡ । ତାଙ୍କ ପାଖରେ ୨୨୭ କୋଟି ଟଙ୍କାର ସମ୍ପତ୍ତି ରହିଛି । ଦ୍ୱିତୀୟ ସର୍ବାଧିକ ଧନୀ ପ୍ରାର୍ଥୀ ହେଲେ ବାଲେଶ୍ୱର ବସ୍ତାର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା । ତାଙ୍କ ପାଖରେ ୧୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି । ତୃତୀୟ ସ୍ଥାନରେ ଅଛନ୍ତି ବଲାଙ୍ଗୀରର ବିଜେଡି ପ୍ରାର୍ଥୀ କଳିକେଶ ସିଂହଦେଓ । ତାଙ୍କ ପାଖରେ ୭୩ କୋଟିର ସମ୍ପତ୍ତି ରହିଛି । ଏଥର ବିଧାନସଭାକୁ ମହିଳା ବିଧାୟକଙ୍କ ଆସିବା ସଂଖ୍ୟା କମିଯାଇଛି । ୨୦୧୯ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ୧୩ଜଣ ମହିଳା ବିଧାୟକ ଆସିଥିବାବେଳେ ଏଥିର ୧୧ ଜଣ ମହିଳା ବିଧାୟକ ଆସିଛନ୍ତି । ସବୁଠାରୁ କମ ବୟସରେ ଅର୍ଥାତ୍ ମାତ୍ର ୨୬ ବର୍ଷ ବୟସରେ ଉପାସନା ମହାପାତ୍ର ପୁରୀ ବ୍ରହ୍ମଗିରିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ସବୁଠାରୁ ଅଧିକ ୮୦ ବର୍ଷରେ କେନ୍ଦୁଝର ଘଷିପୁରାରୁ ବଦ୍ରି ପାତ୍ର ପୁଣି ଥରେ ନିର୍ବାଚିତ ହୋଇଛନ୍ତି ।

# ସଂ ପା ଦ କୀ ୟ

**୩ ରୁ ୯ ଜୁନ୍ ୨୦୨୪**

## ସ୍ୱାଧୀନ ଭାରତର ତିନି ବଡ଼ ଭୁଲ୍

ସମସ୍ତେ କହୁଛନ୍ତି ଯୁବପିଢ଼ି ଆମର ଭବିଷ୍ୟତ। ଏହା ଯଥେଷ୍ଟ ନୁହେଁ। କାରଣ ଯୁବପିଢ଼ି ମଧ୍ୟ ଆମର ବର୍ତ୍ତମାନ। ବର୍ତ୍ତମାନକୁ ପାରଦର୍ଶୀ କରି ନରଖି ପାରିଲେ ଆମ ଭବିଷ୍ୟତ ଅନ୍ଧାର।

ସ୍ୱାଧୀନତା ପରବର୍ତ୍ତୀ ତିନିଟି ଭୁଲ୍‌ର ପରିଣାମ ଆମେ ଭୋଗୁଛେ। ପ୍ରଥମ ଭୁଲ୍ ହେଲା, ସାମ୍ରାଜ୍ୟବାଦୀ ଶିକ୍ଷା ବ୍ୟବସ୍ଥା ଯାହାର ପ୍ରବକ୍ତା ମ୍ୟାକ୍‌ଲେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏହି ବ୍ୟବସ୍ଥାରୁ ବାହାରୁଥିବା ଲୋକେ ଜନ୍ମରେ ଭାରତୀୟ ହେବେ ସିନା, ରୀତିନୀତି, ଚାଲିଚଳନ ଆଉ ମୂଲ୍ୟବୋଧରେ ଇଂରେଜ ହେବେ। ଗତ ୭୫ ବର୍ଷ ଧରି ଏହି ବ୍ୟବସ୍ଥାରୁ ବାହାରି ଯେଉଁ ଛାତ୍ରଛାତ୍ରୀ ବୁଦ୍ଧିଜୀବୀ, ପ୍ରଶାସକ, ଆଇନ ବ୍ୟବସ୍ଥା ଓ ଗଣମାଧ୍ୟମର ପ୍ରତିନିଧି ହେଉଛନ୍ତି, ସେମାନେ ପାଶ୍ଚାତ୍ୟ ଚଷମାରେ ନିଜକୁ ଓ ସମସ୍ତଙ୍କୁ ଦେଖୁଛନ୍ତି। ଭାରତର ବହୁଭାଷିକତା ଓ ସାଂସ୍କୃତିକ ବିବିଧତାରେ ବିଚଳିତ ସାମ୍ରାଜ୍ୟବାଦୀ ଶାସକ ଇଂରେଜୀକୁ ଏକମାତ୍ର ଜ୍ଞାନ ଓ ବିକାଶର ଭାଷା ବୋଲି ଘୋଷଣା କଲେ। ଫଳରେ ଇଂରେଜୀ ଏକମାତ୍ର ରୋଜଗାରର ଭାଷା ହୋଇଗଲା। ଆମେ ଆମ ଭାଷା ଓ ସଂସ୍କୃତିକୁ ଅଣଦେଖା କରିବା ଆରମ୍ଭ କଲୁ। ଦ୍ୱିତୀୟ ଭୁଲ୍ ଥିଲା ଇଂରେଜୀକୁ ରାଜଭାଷାର ମାନ୍ୟତା ଦେଇ। ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ସରକାରୀ କାର୍ଯ୍ୟରେ ଏହା ଏକମାତ୍ର ସମ୍ପର୍କର ଭାଷା ହୋଇଗଲା। ଏହା ଶିକ୍ଷା, ଶାସନ ଓ ସଂଚାରର ମାଧ୍ୟମ ହେଲା। ଗାନ୍ଧୀ ଯେତେବେଳେ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତୀୟ ରାଜନୀତିରେ ଯୋଗ ଦେବାକୁ ଆସିଲେ, ସେତେବେଳେ ତିଳକ ତାଙ୍କୁ ପରାମର୍ଶ ଦେଇ କହିଥିଲେ- ପ୍ରଥମେ ଭାରତକୁ ଚିହ୍ନ; ତା' ପରେ ରାଜନୀତିରେ ଭାଗ ନେବ। ତିଳକଙ୍କ କଥା ମାନି ଗାନ୍ଧୀ ଦୁଇ ବର୍ଷ କାଳ ଭାରତର ଅନ୍ଦିକନ୍ଦି ବୁଲି ଦେଖିଲେ। ତା' ପରେ ସେ ଏଇ ନିଷ୍କର୍ଷରେ ପହଞ୍ଚିଥିଲେ ଯେ ଭାରତୀୟ ସଂସ୍କୃତି ତା'ର ସାତ ଲକ୍ଷ ଗାଁରେ ବଞ୍ଚିଛି। ସେ ଗ୍ରାମ ସ୍ୱରାଜ ଓ ହିନ୍ଦ ସ୍ୱରାଜ ବହି ଲେଖିଲେ। ସ୍ଥାନୀୟତାକୁ ବିଶ୍ୱ ସାଙ୍ଗରେ ଯୋଡ଼ିବାକୁ ଆହ୍ୱାନ ଦେଲେ। ଏହା ପାରମ୍ପରିକ ଭାରତୀୟ ଚିନ୍ତନର ପ୍ରତିଫଳନ।

ସ୍ୱାଧୀନତା ପର ପ୍ରଥମ ମନ୍ତ୍ରିମଣ୍ଡଳରେ ଗ୍ରାମ ଉନ୍ନୟନ ପରିବର୍ତ୍ତେ ନଗର ଉନ୍ନୟନ ବିଭାଗ ରଖାଯିବା ଥିଲା ତୃତୀୟ ଭୁଲ୍। ସେହି ଦିନ ଠାରୁ ଗାଁ ଲୋକେ ସହରମୁହାଁ ହେଲେ। ଭାରତରେ ଗଣତନ୍ତ୍ରର ପ୍ରଚାର, ପ୍ରସାର ଓ ବିକାଶ ସହିତ ତା'ର ସଂକୋଚନର ମଞ୍ଜି ମଧ୍ୟ ପୋତାହେଲା।

କୃଷି ଲାଭଜନକ ହେଉ ନଥିବାରୁ ଆଜିକାଲି ଅଳ୍ପ ପାଠୁଆ ଯୁବକ ଦାଦନ ଶ୍ରମିକ ହୋଇ ଚାଲିଯାଉଛନ୍ତି। ଉଚ୍ଚ ଶିକ୍ଷିତ ପିଢ଼ି ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଆପଣା ପାଠର ମୂଲ୍ୟ ଖୋଜୁଛନ୍ତି। ବେକାରି ଓ ଆର୍ଥିକ ପ୍ରତିଯୋଗିତାରେ ପରାଭୂତ ଯୁବପିଢ଼ିଙ୍କ ଅବସ୍ଥା କହିଲେ ନ ସରେ। ଦେଶରେ ବେକାରି ବଢ଼ିବଢ଼ି ଚାଲିଛି।

ମାତୃଭାଷା, ଆଞ୍ଚଳିକ ଭାଷା, ରାଜ୍ୟ ଭାଷା ଓ ଆନ୍ତର୍ଜାତିକ ଭାଷା ମଧ୍ୟରେ ସମନ୍ୱୟର ଅଭାବ ହେତୁ ମାନବିକ ଅଧିକାର ତ ଦୂରର କଥା, ସାମାଜିକ ଅଧିକାର ଓ ବ୍ୟକ୍ତିଗତ ଅଧିକାରର ସଂରକ୍ଷଣ ଅସମ୍ଭବ ହୋଇ ଉଠୁଛି। ଯେଉଁଠି ଶିକ୍ଷା, ଶାସନ ଓ ସଂଚାରର ଭାଷା ଇଂରେଜୀ, ସେଠାରେ ବହୁଭାଷିକ ସମାଜର ଗୋଟିଏ ଅପାଠୁଆ ଆଦିବାସୀ କି ପ୍ରକାର ନ୍ୟାୟ ବିଚାର ଆଶା କରିବ ? ମୁଖ୍ୟ ସ୍ରୋତରେ ମିଶେଇବା ନାମରେ ଆମେ ଆଦିବାସୀ ପିଲାଙ୍କୁ ବିଦେଶୀ ଭାଷା ମାଧ୍ୟମରେ ଆମ ସଂସ୍କୃତି ବିଷୟ ପଢ଼େଇବା ଫଳରେ ତାଙ୍କ ଭାଷା ଓ ସଂସ୍କୃତି ମରଣମୁହାଁ ହେଲାଣି। ଆଜିର ଯୁବପିଢ଼ି ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ସେଥି ପାଇଁ ଆମ ପିଢ଼ି ଦାୟୀ। ଆମେ ଆମ ପିଲାଙ୍କୁ ଯେଉଁ ବଡ଼ଲୋକ ହେବାର ପ୍ରତିଯୋଗିତାରେ ଓହ୍ଲେଇବା ପାଇଁ ପ୍ରସ୍ତୁତ କରୁଛୁ, ସେଠି ବଡ଼ଲୋକର ଅର୍ଥ ବଡ଼ ମଣିଷ ହେବା ନୁହେଁ; ଏହାର ଅର୍ଥ ବହୁତ ସମ୍ପତ୍ତି ଓ କ୍ଷମତା ଠୁଳ କରିବା। ଏଠି ମୂଲ୍ୟବୋଧ ଶିକ୍ଷାର ସ୍ଥାନ ନାହିଁ। ଆମ ଯୌଥ ପରିବାର ଭାଙ୍ଗି ଏକକ ପରିବାର ହେଲା। ଏବେ ଏକକ ପରିବାର ଭାଙ୍ଗି ବିଦ୍ୟାର୍ଜନ କିମ୍ବା ଅର୍ଥୋପାର୍ଜନ ପାଇଁ ବାପା, ମା, ପିଲାମାନେ ବିଭିନ୍ନ ଜାଗାରେ ରହୁଛନ୍ତି। ଏଥିରେ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ ଶିଖାଇବ କିଏ ? କାହାକୁ ? କେମିତି ଓ କେତେବେଳେ ? ଆଗ କାଳରେ ଆଚରଣ ଓ ଉଚ୍ଚାରଣର ସମନ୍ୱୟ ମୂଲ୍ୟବୋଧ ଶିକ୍ଷାର ପ୍ରଧାନ ମାଧ୍ୟମ ଥିଲା। ଆଜିକାଲି ବଡ଼ ହେବା ପାଇଁ ଉଭୟ କ୍ଷେତ୍ରରେ ବିଭ୍ରାଟ। ଆଗ କାଳରେ ସମାଜ ମଙ୍ଗଳ ଅର୍ଥନୀତି ଥିଲା। ତାହା ବଦଳି ପୁଞ୍ଜିବାଦୀ ଅର୍ଥନୀତି ହେଲା। ପୁଣି ତାହା ବଦଳି କର୍ପୋରେଟ୍ ଅର୍ଥନୀତି ହେଲା। ପ୍ରତ୍ୟେକ ସ୍ତରରେ ଅଳ୍ପ ଲୋକଙ୍କ ହାତରେ ବହୁ ସମ୍ପତି ଠୁଳ ହେଲା। ଆଜି ଦଶ ପ୍ରତିଶତ ଲୋକଙ୍କ ହାତରେ ଅଶି ପ୍ରତିଶତ ସମ୍ପତ୍ତି ଠୁଳ ହୋଇଛି।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# କମ୍ ମତଦାନର କିଛି ସମ୍ଭାବ୍ୟ କାରଣ

**ସରଳ କୁମାର ଦାସ**



ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଥମେ ଜାରି ହୋଇଥିବା ସୂଚନାରୁ ଜଣାପଡ଼ିଥିଲା ଯେ ଚଳିତ ସାଧାରଣ ନିର୍ବାଚନର ପ୍ରାରମ୍ଭିକ ପର୍ଯ୍ୟାୟଗୁଡ଼ିକରେ ଭୋଟଦାନ ହାର ଯଥେଷ୍ଟ କମ୍ ହୋଇଥିଲା। ତେବେ ମେ ୨୫ ତାରିଖରେ କମିସନଙ୍କ ଦ୍ୱାରା ଜାରି ପ୍ରଥମ ୫ଟି ପର୍ଯ୍ୟାୟରେ ସଂସଦ କ୍ଷେତ୍ର ଆସନ ପିଛା ଭୋଟ ସଂପର୍କିତ ପ୍ରେସ ବିଜ୍ଞପ୍ତିରୁ ଜଣାପଡ଼ିଛି ଯେ ସମଗ୍ର ଦେଶରେ ମୋଟାମୋଟି ପ୍ରାୟ ୬୬.୮ ପ୍ରତିଶତ ମତଦାନ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ମତଦାନ ହାର ୬୭.୪ ପ୍ରତିଶତ ଥିଲା। ସୁତରାଂ, ପାଞ୍ଚ ପର୍ଯ୍ୟାୟର ଭୋଟଦାନ ହା ?ରକୁ ବିଚାର କଲେ ମତଦାନ ମାତ୍ର ୦.୬ ପ୍ରତିଶତ ଊଣା ରହିଛି ଏବଂ ଆଗାମୀ ଦୁଇ ପର୍ଯ୍ୟାୟର ସ୍ଥିତି ଜଣାପଡ଼ିବା ପରେ କିଛି ଚୂଡ଼ାନ୍ତ କରି କହି ହେବ।

ନିର୍ବାଚନ କମିସନଙ୍କ ସୂଚନା ଅନୁସାରେ ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଓ ଉତ୍ତର ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକରେ ଅନେକ ସ୍ଥାନରେ ୮୦ ପ୍ରତିଶତରୁ ଅଧିକ ଭୋଟଦାନ ହୋଇଛି। ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ହାରାହାରି ମତଦାନ ୬୦ ପ୍ରତିଶତରୁ କମ୍ ରହିଛି। ଅନେକ ସ୍ଥାନରେ ତାହା ୫୦ ପ୍ରତିଶତ ମଧ୍ୟ ଛୁଇଁ ପାରିନାହିଁ। ଓଡ଼ିଶାରେ ହାରାହାରି ମତଦାନ ହାର ଭଲ ଥିଲେ ସୁଦ୍ଧା ଆସ୍କା, ବ୍ରହ୍ମପୁର, ଭୁବନେଶ୍ୱର ଭଳି କେତେକ ଆସନରେ ତାହା କମ୍ ହୋଇଛି। ଏଭଳି ସ୍ଥଳେ ଭୋଟଦାନର ହାର ଉପରେ ଏକ ଆଲୋଚନା କରାଯାଇପାରେ।

ବିଶ୍ଳେଷକମାନଙ୍କ ମତରେ ୨୦୧୪ ଓ ୨୦୧୯ ମସିହାର ନିର୍ବାଚନ ପରି ଏଥରର ନିର୍ବାଚନରେ କେ ?ଣସି ଏକ 'ଲହର' ବା ତରଙ୍ଗ ଦେଖିବାକୁ ମିଳିନାହିଁ। ଫଳରେ କୌଣସି ଦଳକୁ ଜିତାଇବା ବା ହରାଇବା ଲାଗି ଭୋଟରମାନଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ପରିଲକ୍ଷିତ ହୋଇନାହିଁ। ଯେଉଁଠାରେ ମତଦାନର ହାରରେ ସଂକୋଚନ ଦେଖିବାକୁ ମିଳିଛି, ତାହାର ଏକ କାରଣ ଭୋଟ ଦେଇ ମତ ସାବ୍ୟସ୍ତ କରିବାକୁ ଅନେକଙ୍କ ମଧ୍ୟରେ ଦେଖିବାକୁ ମିଳିଥିବା ବୀତସ୍ପୃହତା ଓ ଅନାଗ୍ରହ। ରାଜନୈତିକ ଦଳ ଓ ନେତାମାନଙ୍କ ଆଚରଣ, ଅର୍ଥ ବଳର ପ୍ରାବଲ୍ୟ, ମନ ମୁତାବକ ପ୍ରାର୍ଥୀଙ୍କ ଅନୁପସ୍ଥିତି ଓ ଟିକଟ ପାଇବା ଲୋଭରେ ନେତାମାନଙ୍କ ଘନଘନ ଦଳବଦଳ ଭଳି ବିଷୟକୁ ନାପସନ୍ଦ କରି ଅନେକ ଭୋଟର ଭୋଟ ଦେଇନାହାନ୍ତି। ଆହୁରି ମଧ୍ୟ ଯୁକ୍ତି ଉପସ୍ଥାପନ କରାଯାଉଛି ଯେ ଶାସକ ଦଳର ବିଜୟ ସୁନିଶ୍ଚିତ ବୋଲି ଦୃଢ଼ ନିଶ୍ଚିତ କିଛି ମତଦାତା ଭୋଟ ଦେବା ଅକାରଣ ଓ ତଦ୍ୱାରା ବିଶେଷ କିଛି ଫରକ ଆସିବ ନାହିଁ ବୋଲି ବିଚାର କରି ଭୋଟ ଦେଇ ନାହାନ୍ତି।

ଗତ ଥରଗୁଡ଼ିକ ପରି ଏଥରର ନିର୍ବାଚନରେ ପ୍ରାୟତଃ ଜାତୀୟ ପ୍ରସଙ୍ଗ ନାହିଁ। ନିର୍ବାଚନ ଆରମ୍ଭ ହେବା ପୂର୍ବରୁ ମନେ କରାଯାଉଥିଲା ଯେ ରାମ ମନ୍ଦିର ନିର୍ମାଣ, ଅନୁଚ୍ଛେଦ ୩୭୦ର ଉଚ୍ଛେଦ ଆଦି ଭଳି ସଂଦର୍ଭ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ହେବ। କିନ୍ତୁ ନିର୍ବାଚନ ପ୍ରକ୍ରିୟା ଆଗେଇବା ସହ ଏହି ପ୍ରସଙ୍ଗଗୁଡ଼ିକ ଗୌଣ ହୋଇପଡ଼ିଛି ବୋଲି କୁହାଯାଉଛି। ଫଳରେ ସହସା ଆଲୋଡ଼ନ ସୃଷ୍ଟି କରିଥିବା କେତେକ ବିଷୟ ବଡ଼ ପ୍ରସଙ୍ଗ ହୋଇ ପଡ଼ିଛି; ଯେମିତି କି ପଶ୍ଚିମବଙ୍ଗର ସନ୍ଦେଶଖାଲି, କର୍ଣ୍ଣାଟକର ପ୍ରଜ୍ୱଳ ରେବନ୍ନା ବା ଦିଲ୍ଲୀରେ ସ୍ୱାତୀ ମାଲିଓ୍ୱାଲଙ୍କ ଭଳି ଘଟଣା। ଏଭଳି ପ୍ରସଙ୍ଗରେ ସାଧାରଣ ନିର୍ବାଚନରେ ହୋହଲ୍ଲା ସୃଷ୍ଟି ହେବା ଅନେକ ଭୋଟରଙ୍କୁ ହତାଶ କରିଛି ଯେଉଁମାନେ ଦର ବୃଦ୍ଧି ବା ବେକାରି ବା ଆର୍ଥିକ ବୈଷମ୍ୟ ଭଳି ସଂଦର୍ଭ ନିର୍ବାଚନୀ ପ୍ରସଙ୍ଗ ହେଉ ବୋଲି ଚାହିଁଥିଲେ। ସେମାନେ ମଧ୍ୟ ଭୋଟ ଦେଇ ନାହାନ୍ତି। ଅବଶ୍ୟ, କଂଗ୍ରେସ ଓ ବିରୋଧୀ ପକ୍ଷ ଉପରୋକ୍ତ ଗମ୍ଭୀର ବିଷୟଗୁଡ଼ିକୁ ନେଇ ଉଚ୍ଚାଟ ସୃଷ୍ଟି କରିଥିଲେ ହେଁ ଚାଞ୍ଚଲ୍ୟ ସୃଷ୍ଟିକାରୀ ପ୍ରସଙ୍ଗଗୁଡ଼ିକ ଅଧିକ ତମ୍ଭିତୋଫାନ ସୃଷ୍ଟି କରିଛନ୍ତି।

କେତେକ ନିର୍ଦ୍ଦିଷ୍ଟ ଆସନରେ ପ୍ରାର୍ଥୀଙ୍କ ଲୋକପ୍ରିୟତାରେ ଅଭାବ ମଧ୍ୟ ଅନେକ ଭୋଟରଙ୍କୁ ମତଦାନରୁ ନିରୁତ୍ସାହିତ କରିଛି।

ଏଥର ନିର୍ବାଚନର ନାମାଙ୍କନ ଠାରୁ ନେଇ ଫଳ ଘୋଷଣା ଯାଏ ନିର୍ବାଚନୀ ଅବଧି ହେଉଛି ପ୍ରାୟ ୨ ମାସ। ଉଲ୍ଲେଖଯୋଗ୍ୟ ଯେ ଏହି ସମୟରେ ଦେଶ ଏ ବର୍ଷର ସବୁଠାରୁ ଉତ୍ତପ୍ତ ସମୟ ଦେଇ ଗତି କରିଛି। ଅତ୍ୟଧିକ ତାପମାତ୍ରା ଓ ଗ୍ରୀଷ୍ମ ପ୍ରବାହ କାରଣରୁ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଅଞ୍ଚଳର ଲୋକମାନେ ଭୋଟଦାନରୁ ନିବୃତ୍ତ ରହିଥିବାର ଖବର ମିଳିଛି। ଏହି କାରଣରୁ କେବଳ ଓଡ଼ିଶାରେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ନିୟୋଜିତ ପୋଲିଂ ଅଧିକାରୀ ବଲାଙ୍ଗୀର ଜିଲ୍ଲାର ସ୍କୁଲ ଶିକ୍ଷକ ସୁଶୀଲ କୁମାର ଆଚାର୍ଯ୍ୟ ଓ କଟକର ସୁଜାତା ମିତ୍ରଙ୍କ ଅକାଳ ବିୟୋଗ ହୋଇଥିବା ବେଳେ ସୁନ୍ଦରଗଡ଼ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅନେକ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେହିପରି ତଳସରା ବିଧାନସଭା କ୍ଷେତ୍ରର ଏକ ବୁଥ୍ ?ରେ ଜଣେ ବୃଦ୍ଧା ଭୋଟର୍ ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବାର ଖବର ଆସିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷର ଏହି ସମୟରେ ତାପମାନ ଅସହନୀୟ ଭାବେ ବୃଦ୍ଧି ପାଇବା ସହ ବାତ୍ୟା (ଏଥର 'ରେମାଲ') ଭଳି ପ୍ରାକୃତିକ ଦୁର୍ବିପାକ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଭବିଷ୍ୟତରେ ନିର୍ବାଚନ ତାରିଖ ବସନ୍ତ ଋତୁରେ କରାଯିବାର ଔଚିତ୍ୟ ସପକ୍ଷରେ ମତ ପ୍ରକାଶ ପାଇଲାଣି। ପ୍ରକାଶ ଥାଉ କି ୨୦୧୯ ମସିହା ମେ ମାସ ୩ ତାରିଖରେ 'ଫନି' ଓଡ଼ିଶାରେ ପ୍ରଳୟ ଘଟାଇଲା। ସୌଭାଗ୍ୟକୁ ଓଡ଼ିଶାରେ ଏପ୍ରିଲ ୨୯ ସୁଦ୍ଧା ନିର୍ବାଚନ ସରି ଯାଇଥିଲା। ଏଥର 'ରେମାଲ' ପଶ୍ଚିମବଙ୍ଗରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି, ଯେଉଁଠି ନିର୍ବାଚନ ସରିନାହିଁ।

ଅନେକ କହନ୍ତି ଯେ ସମଗ୍ର ଦେଶକୁ ୨ ମାସରୁ ଅଧିକ ସମୟ ଧରି କେବଳ ନିର୍ବାଚନ ଯେଉଁ ମାତ୍ରାଧିକତା ସୃଷ୍ଟି କରିଛି, ତାହା ଅନେକଙ୍କ ଲାଗି ବିରକ୍ତିର କାରଣ ମଧ୍ୟ ହୋଇଛି। ଏହାକୁ 'ନିର୍ବାଚନ କ୍ଲାନ୍ତି' (ଫେଟିଗ୍) ବୋଲି କୁହାଯାଉଛି। ହୋଇପାରେ, ମତଦାନ ହାର କମ ହେବାର ବି ଏକ କାରଣ ! ନିର୍ବାଚନ କମିସନ ଚାହିଁଥିଲେ ପ୍ରତି ଦଫାରେ ହାରାହାରି ୧୩୫ଟି ଲେଖାଏଁ ଆସନରେ ନିର୍ବାଚନ କରି ପୂରା ପ୍ରକ୍ରିୟାକୁ ମାସକ ମଧ୍ୟରେ ଶେଷ କରି ପାରିଥାଆନ୍ତେ। ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଯଦି ୧୭୫ଟି ବିଧାନସଭା ଆସନ ଓ ୨୫ଟି ଲୋକସଭା ଆସନ ଲାଗି ଗୋଟିଏ ଦଫାରେ ନିର୍ବାଚନ ସମ୍ପନ୍ନ ହୋଇପାରୁଛି, ତେବେ ୧୪୭ ବିଧାନସଭା ଓ ୨୧ଟି ଲୋକସଭା ଆସନ ଥିବା ଓଡ଼ିଶାରେ ଚାରି ଦଫାର ନିର୍ବାଚନ କାହିଁକି ?

ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବିହାର ଓ ଉତ୍ତର ପ୍ରଦେଶରେ ମତଦାନ ହାର କମ୍ ହୋଇ ୬୦ ପ୍ରତିଶତରୁ ତଳେ ରହିବାର ଏକ ବଡ଼ କାରଣ ହେଉଛି ଏହି ରାଜ୍ୟ ଦ୍ୱୟରୁ ଅନେକ ଲୋକ ବାହାର ରାଜ୍ୟଗୁଡ଼ିକରେ କାମ କରୁଛନ୍ତି। ସେହି ଏକା କାରଣରୁ ସେଠାରେ ମହିଳା ମତଦାତାଙ୍କ ମତଦାନ ହାର ପୁରୁଷଙ୍କ ଅପେକ୍ଷା ଅଧିକ ହେଉଛି। ଓଡ଼ିଶାରେ ବିଭିନ୍ନ ସଂସଦୀୟ କ୍ଷେତ୍ରର ମତଦାନ ହାରକୁ ପର୍ଯ୍ୟାଲୋଚନା କଲେ ପ୍ରାୟ ଅଧିକାଂଶ ଆସନରେ ମତଦାନ ହାର ୭୪ ପ୍ରତିଶତରୁ ଅଧିକ ହୋଇଥିବାର ଜଣାପଡୁଛି। କେବଳ ଆସ୍କା ଓ ବ୍ରହ୍ମପୁର ଆସନରେ ତାହା ପ୍ରାୟ ୧୦ ପ୍ରତିଶତ କମ୍ ହୋଇ ଯଥାକ୍ରମେ ମାତ୍ର ୬୩ ଓ ୬୫ ପ୍ରତିଶତ ହୋଇଛି। ଏହି ଅଞ୍ଚଳରୁ ଅନେକ ଲୋକ ଯାଇ ସୁରାଟ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ କାମ କରୁଥିବାରୁ ମତଦାନ ପ୍ରତିଶତ କମ୍ ? ହୋଇଥାଇପାରେ। ତେବେ ସର୍ବାଧିକ ସଂଖ୍ୟକ ଦାଦନ ଶ୍ରମିକଙ୍କ ଜିଲ୍ଲା କଳାହାଣ୍ଡି ଓ ବଲାଙ୍ଗୀରରେ ମତଦାନ ହାର ୭୮ ପ୍ରତିଶତ ହୋଇଛି। ଏହାର କାରଣ କ'ଣ ଦାରିଦ୍ର୍ୟ ଓ ଅନଗ୍ରସରତା ବିରୋଧରେ ପ୍ରତିକ୍ରିୟାଶୀଳ ମତଦାନ କରିବାକୁ ସେମାନେ ଅଧିକ ସଂଖ୍ୟାରେ ବାହାରିଛନ୍ତି ?

ପ୍ରାର୍ଥୀ ଚୟନ ବେଳେ ଅର୍ଥ ବଳ ଓ ବାହୁ ବଳକୁ ଗୁରୁତ୍ୱ ଦିଆଯାଉଥିବାରୁ ଭଲ ଲୋକମାନେ କ୍ରମଶଃ ନିର୍ବାଚନରୁ ଦୂରେଇ ଯାଉଛନ୍ତି ବା ଦୂରେଇ ଯିବାକୁ ବାଧ୍ୟ ହେଉଛନ୍ତି। ଏଥି ସହିତ ନିର୍ବାଚିତ ପ୍ରତିନିଧି ଓ ରାଜନୈତିକ ଦଳଗୁଡ଼ିକର ନୀତିହୀନ ଓ ବିଚାରଧାରାବିହୀନ ଆଚରଣ ମତଦାତାଙ୍କୁ ଅତିଷ୍ଠ କରୁଛି। ମହାରାଷ୍ଟ୍ରର ଅଧିକାଂଶ ଆସନରେ ମତଦାନ ହାର ୬୦ ପ୍ରତିଶତରୁ କମ୍ ହେବା ସମ୍ଭବତଃ ତା'ର ଏକ ପ୍ରତିଫଳନ। ସେଠାରେ ଉଭୟ ଶିବସେନା ଓ ଏନ୍‌ସିପି ଦଳକୁ ଦୁଇ ଭାଗ କରି ଯେଉଁଭଳି ଭାବେ କ୍ଷମତା ଦଖଲ କରାଗଲା, ତାହା ସେଠାକାର ମତଦାତାଙ୍କୁ କ୍ଷୁଣ୍ଣ କରିଥିବା ସମ୍ଭବ, ଯାହା ସେମାନଙ୍କୁ ମତଦାନ ପ୍ରକ୍ରିୟା ପ୍ରତି ବିମୁଖ କରିଥିବ। ପୁଣି ଦେଖିବାକୁ ମିଳୁଛି ଯେ ନିର୍ବାଚନ ପରେ ମତଦାତାଙ୍କ ନିର୍ଣ୍ଣୟକୁ ଅବଜ୍ଞା କରି ବିଧାୟକ ଓ ସାଂସଦଙ୍କ କିଣାବିକା ମାଧ୍ୟମରେ ଏକ ସଂପୂର୍ଣ୍ଣ ଓଲଟା ଦଳ ସରକାର ଗଠନ କରୁଛି।

ଏଭଳି କିଛି କାରଣ ସମ୍ଭବତଃ ଭୋଟଦାତାମାନଙ୍କୁ ପୋଲିଂ ବୁଥକୁ ଯିବାରୁ ନିରୁତ୍ସାହିତ କରିଥିବ। ତା' ନ ହେଲେ ଆମ ଦେଶରେ ନିର୍ବାଚନକୁ ନେଇ ଉଚ୍ଚାଟର ସ୍ତର ଯାହା, ସେଥିରେ ମତଦାନର ହାର କମିବାର ଅନ୍ୟ କୌଣସି ବିଶେଷ କାରଣ ନାହିଁ।

ମୋ: ୯୪୩୭୦୩୮୦୧୫

ଭାଗ-୧ । ସଂଖ୍ୟା-୨୯ । ଭୁବନେଶ୍ୱର । ୩ ରୁ ୯ ଜୁନ ୨୦୨୪
Vol-1 | Issue-29 | Bhubaneswar | 3 to 9 June 2024

# ଇଣ୍ଡିଆ ମେଣ୍ଟର ବଡ଼ ଦମ୍ଭୋକ୍ତି: ଆମେ ଜିତିବୁ ୨୯୫ରୁ ଅଧିକ ଆସନ



ନୂଆଦିଲ୍ଲୀ: କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଘରେ ବସିଥିବା ଇଣ୍ଡିଆ ମେଣ୍ଟର ବୈଠକ ଶେଷ ହୋଇଛି। ବୈଠକ ପରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଦାବି କରାଯାଇଛି। ମେଣ୍ଟ ୨୦୨୪ ସାଧାରଣ ନିର୍ବାଚନରେ ୨୯୫ରୁ ଅଧିକ ଆସନ ଜିତି କେନ୍ଦ୍ରରେ ସରକାର ଗଠନ କରିବ ବୋଲି ଦାବି କରିଛି।

ଏକଜିଟ ପୋଲି ଓ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଆଜି ଇଣ୍ଡିଆ ମେଣ୍ଟରେ ଥିବା ଦଳଗୁଡ଼ିକ ହେଭିଓ୍ୱେଟ ନେତାମାନେ ଦିଲ୍ଲୀରେ ଥିବା ଖଡଗେଙ୍କ ବାସଭବନରେ ବୈଠକ କରିଥିଲେ। ବେଶ କିଛି ଘଣ୍ଟା ଧରି ଚାଲିଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରାଯାଇଛି।

ବୈଠକରେ ଯୋଗ ଦେଇଥିବା ସବୁ ଦଳ ୨୦୧୯ ଅପେକ୍ଷା ଭଲ ପ୍ରଦର୍ଶନ କରିବେ ଓ ବିଜେପି କ୍ରମାଗତ ତୃତୀୟ ଥର ପାଇଁ କ୍ଷମତା ଦଖଲ କରିପାରିବ ନାହିଁ ବୋଲି ମତ ରଖିଛନ୍ତି।

ବୈଠକ ପରେ ଖଡଗେ କହିଛନ୍ତି ଯେ "ଆମେ ସବୁ ଦଳର ନେତାମାନଙ୍କ ସହ ନିର୍ବାଚନର ପ୍ରଦର୍ଶନ ନେଇ ଆଲୋଚନା କରିଛୁ। ଆଲୋଚନାରୁ ସ୍ପଷ୍ଟ ହୋଇଛି ଯେ ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବାକୁ ଯାଉଛି।"

ଖଡଗେଙ୍କ ଭଳି ଆରଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି, "ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବ। ସାଧାରଣ ନିର୍ବାଚନର ଫଳାଫଳ ଇଣ୍ଡିଆ ମେଣ୍ଟ ସପକ୍ଷରେ ଯିବ। ବିଜେପିର ୪୦୦ ପାର ନାରା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ହିଁ ଫେଲ ମାରି ସାରିଥିଲା।"

ଇଣ୍ଡିଆ ମେଣ୍ଟ ଜିତିଲେ କିଏ ପ୍ରଧାନମନ୍ତ୍ରୀ ହେବେ ବୋଲି ପ୍ରଶ୍ନର ଉତ୍ତରରେ ତେଜସ୍ୱୀ କହିଛନ୍ତି, "ସେକଥା ପରବର୍ତ୍ତୀ ସମୟରେ ସମସ୍ତେ ମିଳିତ ଭାବେ ନିଷ୍ପତ୍ତି ନେବେ। ଆମେ ନିର୍ବାଚନ ଜିତିବାକୁ ଯାଉଛୁ।" ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ବିଜେପି ଉତ୍ତର ପ୍ରଦେଶରେ ହାରିବାକୁ ଯାଉଛି। ରାଜ୍ୟର ଅଧିକାଂଶ ଲୋକସଭା ଆସନରେ ଇଣ୍ଡିଆ ମେଣ୍ଟ ଜିତିବାକୁ ଯାଉଛି ବୋଲି ସେ କହିଛନ୍ତି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଦାବି କରିଛନ୍ତି ଯେ ବିଜେପି ପ୍ରାୟ ୨୨୦ଟି ଆସନ ଜିତିବ। ସେ କହିଛନ୍ତି, "ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବ। ବିଜେପି ଏକାକୀ ପ୍ରାୟ ୨୨୦ ଓ ଏନଡିଏ ଆସନ ସଂଖ୍ୟା ୨୩୫ରେ ସୀମିତ ରହିବ। ଇଣ୍ଡିଆ ମେଣ୍ଟ ଗୋଟିଏ ସଶକ୍ତ ଓ ସ୍ଥିର ସରକାର ନିଜ ବଳରେ ଗଠନ କରିବ। ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରା ଜୁନ ୪ରେ ଘୋଷଣା କରାଯିବ।"

ବୈଠକରେ ଆପ ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଠାରୁ ଆରମ୍ଭ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ, ସଞ୍ଜୟ ସିଂହ, ରାଘବ ଚଡ୍ଡା, ସିପିଏମର ସୀତାରାମ ୟେଚୁରୀ, ଏନସିର ଫାରୁକ ଅବଦୁଲ୍ଲା, ଏନସିପିର ଶରଦ ପାଓ୍ୱାର, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଆରଜେଡିର ତେଜସ୍ୱୀ ଯାଦବ, ଝାରଖଣ୍ଡର କ୍ଷମତାସୀନ ଜେଏମଏମର କଳ୍ପନା ସୋରେନ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ଏହାବାଦ ରାହୁଲ ଗାନ୍ଧି, ସୋନିଆ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଭଦ୍ରା ମଧ୍ୟ ବୈଠକରେ ଉପସ୍ଥିତ ରହିଥିଲେ।

ବିଜେପି ନେତୃତ୍ୱାଧୀନ ଏନଡିଏ ମ୍ୟାଜିକ ନମ୍ବର ୨୭୨ ଅତିକ୍ରମ କରିପାରିବ ନାହିଁ ବୋଲି କଂଗ୍ରେସ ଆଶା କରିଛି। ଏନଡିଏ ଅତିବେଶରୀର ୨୬୦ ଆସନ ଜିତିବାକୁ ସକ୍ଷମ ହେବ।

## ୪ ଛୁଆଙ୍କୁ ପାଣି ଟାଙ୍କିକୁ ଠେଲି ନିଜେ ଡେଇଁ ପଡ଼ିଲେ

ନୂଆଦିଲ୍ଲୀ: ପାରିବାରିକ କଳହ ଆଗରେ ମରିଗଲା ମା'ର ମମତା। ଯେଉଁ ଛୁଆମାନଙ୍କୁ ଗର୍ଭ ଯନ୍ତ୍ରଣା ସହି ଦୁନିଆକୁ ଆଣିଥିଲା, ସେହିମାନଙ୍କୁ ହିଁ ମୃତ୍ୟୁ ମୁହଁକୁ ଠେଲି ଦେଲା। ଗୋଟିଏ ପରେ ଗୋଟିଏ କରି ନିଜ ୪ ଛୁଆଙ୍କୁ ପାଣି ଟାଙ୍କିକୁ ଠେଲିଦେଲା ମା' । ଏଥିରେ ଅକାଳରେ ୪ ଛୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ମା' କିନ୍ତୁ ଆତ୍ମହତ୍ୟା ଉଦ୍ୟମ କରି ବର୍ତ୍ତି ଯାଇଛି। ଏପରି ଏକ ଅଭାବନୀୟ ଘଟଣା ରାଜସ୍ଥାନର ବାଡମେର ଜିଲ୍ଲାରେ ରବିବାର ଘଟିଛି। ପୁଲିସ୍ ?ର ପ୍ରାଥମିକ ତଦନ୍ତ ଅନୁଯାୟୀ ମହିଳାଜଣକ ପାରିବାରିକ କଳହ କାରଣରୁ ଅତିଷ୍ଠ ହୋଇ ପଡ଼ିଥିଲା। ତାଙ୍କ ସ୍ୱାମୀ ଶ୍ରମିକ ଭାବେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ସବୁବେଳେ କଳହ ହେଉଥିଲା। ମହିଳାଙ୍କ ୪ ଛୁଆ ଥିବା ବେଳେ ସେମାନଙ୍କ ବୟସ ୫ରୁ ୧୧ ବର୍ଷ। ପାରିବାରିକ କଳହରୁ ମୁକ୍ତି ପାଇବା ପାଇଁ ମହିଳାଜଣକ ନିଜ ୪ ଛୁଆଙ୍କୁ ମାରିବା ସହ ନିଜ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେ ନିଜ ପିଲାମାନଙ୍କୁ ଛାତକୁ ନେଇ ଯାଇଥିଲେ। ସେଠାରେ ଜଣକ ପରେ ଜଣେ ଛୁଆଙ୍କୁ ପାଣି ଟାଙ୍କିରେ ଫୋପାଡ଼ି ଦେଇଥିଲେ। ପିଲାମାନଙ୍କ ଆତ୍ତ ଚିତ୍କାର ବି ତାଙ୍କୁ ତରଳାଇ ପାରି ନ ଥିଲା। ଏହାପରେ ନିଜେ ବି ଉକ୍ତ ଟାଙ୍କିକୁ ଡେଇଁ ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଓ ସାହି ପଡ଼ିଶା ଏହା ଜାଣି ପାରି ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ୪ ଛୁଆଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରାର୍ଥୀଙ୍କର ଏହି ସବୁ ଗୁଣ ଦେଖି ଭୋଟ୍ ଦିଅନ୍ତି ଜନତା

ନୂଆଦିଲ୍ଲୀ: ସରିଛି ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ରାଷ୍ଟ୍ରରେ ନିର୍ବାଚନ ପର୍ବ। ସମସ୍ତ ସାତଟି ପର୍ଯ୍ୟାୟରେ ନିର୍ବାଚନ ଶେଷ ହେବା ପରେ ଏବେ ଅପେକ୍ଷା ଫଳାଫଳକୁ। ମଙ୍ଗଳବାର(ଜୁନ୍ ୪)ରେ ରେଜଲ୍ଟ ଘୋଷଣା ପରେ ଦେଶରେ ଆରମ୍ଭ ହେବ ନୂଆ ସରକାର। ନିର୍ବାଚନର ଏହି ମାହୋଲ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନଜର ପକାଇବା ଯେ, ପ୍ରାର୍ଥୀଟିଏ କିପରି ହୋଇଥିଲେ ଜନତା ତାଙ୍କୁ ଭୋଟ୍ ଦେବାକୁ ମନ ବଳାନ୍ତି। ଏକ ଜାତୀୟ ଗଣମାଧ୍ୟମର ସର୍ଭେରେ ଲୋକମାନେ ଖୋଲା ଖୋଲି ସେମାନଙ୍କ ପସନ୍ଦ ବାବଦରେ କହିଛନ୍ତି। ପ୍ରାର୍ଥୀଟିଏ କିପରି ହୋଇଥିଲେ ସେମାନେ ଭୋଟ୍ ଦିଅନ୍ତି, ଜାଣନ୍ତୁ...

**ସଚ୍ଚୋଟ ପ୍ରାର୍ଥୀ ଚାହାଁନ୍ତି ଜନତା**

ସର୍ବେକ୍ଷଣରେ ୪୫ ପ୍ରତିଶତ ଲୋକଙ୍କ ପାଇଁ ପ୍ରାର୍ଥୀଙ୍କ ସଚ୍ଚୋଟତା ହେଉଛି ପ୍ରଥମ ପ୍ରାଥମିକତା। ଦେଶର ଲୋକମାନେ ଚାହାଁନ୍ତି ଯେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସଚ୍ଚୋଟ ହେବା ଉଚିତ୍, ଯାହା ଦ୍ୱାରା ପାରଦର୍ଶିତାର ସହ କାମ ହୋଇପାରିବ ଏବଂ ସେମାନଙ୍କ ସହର କିମ୍ବା ଅଞ୍ଚଳରେ ବିକାଶ କାର୍ଯ୍ୟ ଶୀଘ୍ର ଅଗ୍ରଗତି କରିବ।

ଏପରି କ୍ଷେତ୍ରରେ ୧୩ ପ୍ରତିଶତ ଲୋକ ପାର୍ଟି ଅର୍ଥାତ୍ ଦଳକୁ ଗୁରୁତ୍ୱ ଦିଅନ୍ତି। ନିର୍ବାଚନରେ ଭୋଟ୍ ଦେବା ପୂର୍ବରୁ ସେମାନଙ୍କ ପାଇଁ ଦଳ ଗୁରୁତ୍ୱ ବହନ କରୁଛି। ୧୩ ପ୍ରତିଶତ ଲୋକ ପାର୍ଟି ଦେଖି ଭୋଟ୍ ଦେଇଥାନ୍ତି ବୋଲି ସର୍ଭେରେ କହିଛନ୍ତି।

**ଲୋକେ ଚାହାଁନ୍ତି ଶିକ୍ଷିତ ପ୍ରାର୍ଥୀ**

ଏହି ସର୍ଭେରେ ୧୨ ପ୍ରତିଶତ ଲୋକ କହିଛନ୍ତି ଯେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସେମାନଙ୍କ ପାଇଁ ପ୍ରଥମ ପ୍ରାଥମିକତା। ସେମାନଙ୍କ ପାଇଁ ନେତା ଶିକ୍ଷିତ ହୋଇଥିବା ଅଧିକ ଗୁରୁତ୍ୱପୂର୍ଣ, ଯାହା ଫଳରେ ସେମାନେ ସାଧାରଣ ଲୋକଙ୍କ ସ୍ୱାର୍ଥରେ ସଠିକ୍ ନିଷ୍ପତ୍ତି ନେଇପାରିବେ ବୋଲି କହିଛନ୍ତି। ସେହିପରି ୧୨ ପ୍ରତିଶତ ଲୋକ ପ୍ରାର୍ଥୀଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ଦିଅନ୍ତି। ସେମାନଙ୍କ ପାଇଁ ଜଣେ ଅଭିଜ୍ଞ ନେତା ଜରୁରୀ। କେବଳ ଏତିକି ନୁହେଁ ନିର୍ବାଚନ ସମୟରେ ଦଳ କରୁଥିବା ଘୋଷଣା ପତ୍ରକୁ ମଧ୍ୟ ପ୍ରାଧାନ୍ୟ ଦେଇଥାନ୍ତି ଜନତା। ସର୍ଭେରେ ୬ ପ୍ରତିଶତ ଲୋକ କହିଛନ୍ତି, ସେମାନେ ଘୋଷଣା ପତ୍ରକୁ ଦୃଷ୍ଟିରେ ରଖି ଭୋଟ୍ ଦିଅନ୍ତି। ଦଳ କିମ୍ବା ପ୍ରାର୍ଥୀମାନେ ଘୋଷଣାପତ୍ରରେ କେଉଁ ସମସ୍ୟାକୁ ଗୁରୁତ୍ୱାରୋପ କରିଛନ୍ତି ଏବଂ କେଉଁ ସମସ୍ୟାଗୁଡିକ ପ୍ରାଥମିକତା ଭିତ୍ତିରେ ସମାଧାନ କରିବେ ତାହା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିପରି ୫ ପ୍ରତିଶତ ଭୋଟର ପ୍ରାର୍ଥୀଙ୍କ ଲୋକପ୍ରିୟତା ଆଧାରରେ ଭୋଟ୍ ଦେଉଥିବା କହିଛନ୍ତି।

**ପ୍ରାର୍ଥୀଙ୍କ ବୟସ ଏବଂ ଜାତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ**

୨ ପ୍ରତିଶତ ଲୋକଙ୍କ ପାଇଁ ନେତାଙ୍କ ବୟସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନେତା କେତେ ଶାରୀରିକ ଓ ସାମାଜିକ ଭାବରେ ସକ୍ରିୟ ତାହା ସେମାନେ ଦେଖନ୍ତି। ୨ ପ୍ରତିଶତ ଲୋକଙ୍କ ପାଇଁ ପ୍ରାର୍ଥୀ ତଥା ନେତାଙ୍କ ଅପରାଧିକ ଇତିହାସ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ୨ ପ୍ରତିଶତ ଲୋକ ପ୍ରାର୍ଥୀଙ୍କ ଜାତି ଆଧାରରେ ଭୋଟ୍ ଦେବାକୁ ନିଷ୍ପତ୍ତି ନିଅନ୍ତି।

# ମତଦାନରେ ୱାର୍ଲ୍ଡ ରେକର୍ଡ କରିଛି ଭାରତ

ନୂଆଦିଲ୍ଲୀ: 'ଚଳିତଥର ଐତିହାସିକ ରେକର୍ଡ ହାସଲ କରିଛି ଭାରତ। ମତଦାନରେ ଭାରତ କରିଛି ୱାର୍ଲ୍ଡ ରେକର୍ଡ।' ପ୍ରକାଶ ପାଇବ ଚଳିତ ଲୋକସଭା ନିର୍ବାଚନର ଫଳାଫଳ। ଏଥିପାଇଁ ସକାଳ ୮ଟାରୁ ଭୋଟ୍ ଗଣତି ହେବ। ତେବେ ଭୋଟ୍ ଗଣତି ପୂର୍ବରୁ ଭାରତୀୟ ନିର୍ବାଚନ କମିଶନ ପ୍ରେସମିଟ୍ କରି ଏଭଳି କିଛି ସୂଚନା ଦେଇଛନ୍ତି। ଚଳିତଥର ମତଦାନରେ ଭାରତ ଐତିହାସିକ ରେକର୍ଡ ହାସଲ କରିଛି। ଭାରତରେ ୬୪୨ ନିୟୁତ ଭୋଟର ଅଛନ୍ତି। ଏହି ସଂଖ୍ୟା ବିଶ୍ୱରେ ଥିବା ୨୭ଟି ଦେଶର ଭୋଟରଙ୍କ ତୁଳନାରେ ପାଞ୍ଚ ଗୁଣ ଅଧିକ। ଚଳିତ ନିର୍ବାଚନରେ ୬୪ କୋଟିରୁ ଅଧିକ ଲୋକ ଭୋଟ୍ ଦେଇଛନ୍ତି। ଏହି ନିର୍ବାଚନରେ ଭାରତ ବିଶ୍ୱ ରେକର୍ଡ ସୃଷ୍ଟି କରିଛି ବୋଲି ବୋଲି ମୁଖ୍ୟ




ନିର୍ବାଚନ ଆୟୋଗ ରାଜୀବ କୁମାର କହିଛନ୍ତି। କେବଳ ସେତିକି ନୁହେଁ, ଉକ୍ତ ପ୍ରେସ୍‌ମିଟ୍‌ରେ ଛିଡ଼ା ହୋଇ ମୁଖ୍ୟ ନିର୍ବାଚନ କମିଶନର ମହିଳା ଭୋଟରଙ୍କୁ ସମ୍ମାନ ଜଣାଇଛନ୍ତି। ୨୦୧୯ ଠାରୁ ୨୦୨୪ରେ ଦେଶରେ ଅଧିକ ମହିଳା ମତଦାତା ଅଛନ୍ତି। ୩୧ କୋଟିରୁ ଅଧିକ ମହିଳା ଭୋଟରଙ୍କୁ ନେଇ ମତଦାନ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ନିର୍ବାଚନ କମିଶନ। ଆମେ ବୃଦ୍ଧଙ୍କ ଘରକୁ ଘର ଯାଇ ସେମାନଙ୍କ ଭୋଟ୍ ନେଇଛୁ। ୮୫ରୁ ଅଧିକ ବୟସ୍କ ଭୋଟରମାନେ ଘରୁ ଭୋଟ୍ ଦେଇଛନ୍ତି। ଜମ୍ମୁ-କଶ୍ମୀରରେ ରେକର୍ଡ ମତଦାନ ହୋଇଛି। ଚଳିତ ବର୍ଷ ଗତ ୪ ଦଶନ୍ଧି ମଧ୍ୟରେ ଜମ୍ମୁ କାଶ୍ମୀରରେ ସର୍ବାଧିକ ମତଦାନ ହୋଇଛି। ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶା ଭଳି ନକ୍ସଲପ୍ରବଣ ଅଞ୍ଚଳରେ ମାଓ ହିଂସା ହୋଇନି ବୋଲି ମୁଖ୍ୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ସେହିପରି ଚଳିତ ଲୋକସଭା ନିର୍ବାଚନରେ ରି-ପୋଲିଂ କମିଛି। ୨୭ ରାଜ୍ୟର କୌଣସି ବି ବୁଥ୍‌ରେ ହୋଇନି ପୁନଃ ମତଦାନ। ୨୦୧୯ ନିର୍ବାଚନରେ ୫୪୦ ସ୍ଥାନରେ ରି-ପୋଲିଂ ହୋଇଥିଲା। ହେଲେ ୨୦୨୪ରେ ମାତ୍ର ୩୯ଟି ବୁଥ୍ ?ରେ ସାନି ମତଦାନ ହୋଇଛି। ମଣିପୁର, ଅରୁଣାଚଳ ପ୍ରଦେଶର ସର୍ବାଧିକ ୨୫ଟି ବୁଥ୍ ?ରେ ସାନି ମତଦାନ ହୋଇଛି। ବାକି ୧୪ଟି ସାନି ମତଦାନ ଅନ୍ୟ ରାଜ୍ୟର ବୁଥ୍‌ରେ ହୋଇଛି ବୋଲି ଇସି କହିଛନ୍ତି। ୧.୫ କୋଟି ଭୋଟର ଏବଂ ସୁରକ୍ଷା କର୍ମୀ ଯାତାୟତ ପାଇଁ ୧୩୫ଟି ସ୍ୱତନ୍ତ୍ର ଟ୍ରେନ୍, ୪ ଲକ୍ଷ ବାହାନ ଏବଂ ୧୬୯୨ଟି ଫ୍ଲାଟ ବ୍ୟବହାର କରାଯାଇଥିଲା। ୬୮୭୬୩ ମନିଟରିଂ ଦଳ ନିର୍ବାଚନ ଉପରେ ନଜର ରଖିଥିଲେ ବୋଲି ଇସିଆଇ କହିଛନ୍ତି।

# ପ୍ରାକ୍ ନିର୍ବାଚନ ହିଂସା: ୩ ଗିରଫ, ଏସ୍‌ପିଙ୍କର ଘଟଣାସ୍ଥଳରେ ଫ୍ଲାଗ ମାର୍ଚ୍ଚ



ଭାପୁର (ଭିଓଭି): ନୟାଗଡ ଜିଲ୍ଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧୀନ ଭାପୁର ବ୍ଲକ ଭଗବାନପୁର ଗ୍ରାମରେ ଗୁରୁବାର ପୂର୍ବ ଶତ୍ରୁତାକୁ ନେଇ ପ୍ରାକ୍ ନିର୍ବାଚନୀ ହିଂସା ଘଟିଯାଇଛି । ନିର୍ବାଚନ ପରିପ୍ରେକ୍ଷୀରେ ଏକ ପ୍ରମୁଖ ଦଳର ଭୋଟରମାନଙ୍କୁ ଟଙ୍କା ବଣ୍ଟନ ଓ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା । ସ୍ଥାନୀୟ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପ୍ରମୋଦ କୁମାର ସାହୁ, ଦିଅର ବିନୋଦ କୁମାର ସାହୁ, ରାମଚନ୍ଦ୍ର ସାହୁ, ଶଶୁର ଲୋକନାଥ ସାହୁଙ୍କ ସମେତ ବିଦ୍ୟାଧର ପ୍ରଧାନ, ଲୋକନାଥ ସାହୁ, ସନ୍ତୋଷ ଦାସ, ଦିଲ୍ଲୀପ କୁମାର ପ୍ରଧାନ, ବିଦ୍ୟାଧର ରଣା, ପ୍ରଫୁଲ୍ଲ କାଠୁଆ, ଅଖିଳ ସାହୁ, ନାରାୟଣ ସାହୁ ପ୍ରମୁଖ ଖଣ୍ଡା, ଭୁଜାଲି, ବନ୍ଧୁକ ଓ ବୋମା ଆଦି ମାରଣାସ୍ତ୍ର ଧରି ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ । ସମସ୍ତେ ସଂଘବଦ୍ଧ ଭାବରେ କୃଷ୍ଣଚନ୍ଦ୍ରଙ୍କ ନାମ ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ସେହି ସମୟରେ ସରପଞ୍ଚଙ୍କ ସ୍ୱାମୀ ପ୍ରମୋଦ ହାତରେ ଧରିଥିବା ବନ୍ଧୁକରୁ ଫାଙ୍କା ଗୁଳି ଚାଳନା କରି ସମସ୍ତଙ୍କୁ ଭୟଭୀତ କରିବା ସହିତ ଧମକ ଚମକ ଦେଇ କୃଷ୍ଣଚନ୍ଦ୍ରଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ । ଏ ନେଇ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସବିତା ସାହୁ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦିଲ୍ଲୀପ କୁମାର ପ୍ରଧାନ ଓ ରାମଚନ୍ଦ୍ର ସାହୁଙ୍କୁ ଗିରଫ କରି ଥାନାରେ ଅଟକ ରଖି କିଛି ସମୟ ପରେ ଛାଡି ଦେଇଥିଲେ । ନୟାଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଶୁକ୍ରବାର ଦିନ ଭଗବାନପୁର ଗ୍ରାମରେ ପହଞ୍ଚି ଉକ୍ତ ଘଟଣା ବିଷୟରେ ଅନୁସନ୍ଧାନ କରି ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହିତ ଫ୍ଲାଗ ମାର୍ଚ୍ଚ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉକ୍ତ ଘଟଣାକୁ ତୀବ୍ର ନିନ୍ଦା କରି ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିମଳ କୁମାର ବାରିକ ଓ ଥାନା ଅଧିକାରୀ ସୁଜିତ୍ କୁମାର ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରିଣୀ ସବିତା ସାହୁ ଟଙ୍କା ବଣ୍ଟନକୁ ନେଇ ବଚସା ଓ ତାପରେ ଗଣ୍ଡଗୋଳ ହୋଇଥିବା ନେଇ ପ୍ରକାଶ କରିଥିବାବେଳେ ପୂର୍ବରୁ ଉଭୟ ପରିବାର ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଏ ନେଇ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ବାରିକ ୩ ଜଣ ଅଭିଯୁକ୍ତ ଲୋକନାଥ ସାହୁ, ଦିଲ୍ଲୀପ କୁମାର ପ୍ରଧାନ ଏବଂ ରାମ ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରିବା ସହିତ ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିବା ସୂଚନା ଦେଇଛନ୍ତି ।

## ଜଳ ନିଷ୍କାସନକୁ ଅବରୋଧ, ରାସ୍ତା ଉପରେ ପାଣି



ଭାପୁର(ଭିଓଭି): ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ଅନ୍ତର୍ଗତ ବାରବାଟି ନୂଆଗାଁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ବର୍ଷା ଅସରାଏ ହେଲେ ଜମି ରହୁଛି ବର୍ଷା ପାଣି । ପାଣି ନିଷ୍କାସନ ନାଳ ନିକଟରେ ୫ ବର୍ଷ ହେଲା ସେହି ଗ୍ରାମର କିଛି ବ୍ୟକ୍ତି ସେମାନଙ୍କର ଜାଗାରେ ଘର କରିବା ପାଇଁ ମାଟି ପକେଇ ଦେବାରୁ ନଳାରେ ପାଣି ନିଷ୍କାସନ ନହୋଇ ନିକଟରେ ଥିବା ନୂଆଗାଁ ସାହି ମଝିରେ ବର୍ଷା ପାଣି ଜମି ରହିବା ଫଳରେ ଯାତାୟାତରେ ବାଧା ଉପୁଜୁଛି ଏବଂ ଛୋଟ ବଡ ଦୁର୍ଘଟଣା ଘଟି ଆହତ ହେଉଥିବା ନଜିର ରହିଛି । ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଭାପୁର ବ୍ଲକ ବିଡିଓ ଏବଂ ତହସିଲଦାରଙ୍କୁ ଅଭିଯୋଗ ପରେ ସେମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସେହି ରାସ୍ତା ଉପରେ ଟ୍ରିପ ଟ୍ରିପ ମାଟି ଗଦେଇଦେଲେ, ତଥାପି ପ୍ରଶାସନର ସମାଧାନ ପାଇଁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ । ଯାହାଫଳରେ, ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ନହୋଇ ଜମି ରହୁଥିବାରୁ ଗ୍ରାମବାସୀ ଯାତାୟାତ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ବୁଦୁରା ଗ୍ରାମବାସୀ ହାତୀ ଉପଦ୍ରବରେ ଅତିଷ୍ଠ ହେଲେଣି



କାଶୀନଗର(ଭିଓଭି): ଗଲା ସପ୍ତାହରେ କାଶୀନଗର ଠାରୁ ଇଦୁଡ଼ି ଯିବା ରାସ୍ତା ପାର୍ଶ୍ୱରେ ଥିବା ଏକ ଛୋଟ ଆମ୍ବ ତୋଟାଠାରେ ଖାଦ୍ୟ ଅନ୍ୱେଷଣ କରି ଚାରିଟିକିଆ ହାତୀପଲ ଆସିଥିଲେ । ହାତୀ ବୁଲାବୁଲି କରୁଥିବା କ୍ଷେତ୍ର ନିକଟରେ ବହୁ ଗ୍ରାମବାସୀ ହାତୀ ଦେଖିବା ପାଇଁ, ହାତୀର ଫଟୋ ଉଠାଇବା, ସେଲ୍ଫି ନେବା ନିମନ୍ତେ ରୁଣ୍ଡ ହୋଇ ରହିଥିବା ସେହି ସମୟରେ ଦେଖାଯାଉ ଥିଲା । ଇଦୁଡ଼ି ଠାରୁ ବୁଦୁରା ଗ୍ରାମକୁ ସେହି ଚାରିଟିକିଆ ହାତୀ ଚାଲି ଯାଇ ଗ୍ରାମ ମଧ୍ୟରେ ଥିବା ଧାନ କ୍ଷେତ, ପନି ପରିବା ବାଡ଼ ସବୁ ମାଡି ଓ ଦଳି ନଷ୍ଟ କରି ବୁଦୁରା ଗ୍ରାମ ନିକଟରେ ଥିବା ଏକ ଆମ୍ବ ତୋଟାରେ ରହି ଯାଇଥିଲେ । ପୂରା ୧୦ ଦିନ ହେଲା ବୁଦୁରା ତଥା ଏହାର ଆଖ ପାଖ ଗାଁ ମାନଙ୍କରେ ହାତୀ ରହିଥିବାରୁ ବିଜୁଳି ସରବରାହ ବନ୍ଦ ରହିବାରୁ ଗ୍ରାମବାସୀ ଖରାଦିନରେ ପଙ୍ଖା ପବନ ନ ପାଇ ବହୁ କଷ୍ଟ ଅନୁଭବ କରୁଥିବା ବେଳେ ଚାଷୀ ମାନେ ଖରାଟିଆ ଧାନ ଚାଷ ପାଇଁ ପମ୍ପ ଯୋଗେ ଧାନ କ୍ଷେତରେ ପାଣି ମଡ଼େଇବାକୁ ଚାହିଁ ବସିଥିବାବେଳେ ଏହି ହାତୀ ପଲ ପାଇଁ ବିଜୁଳି ବାରମ୍ବାର କଟ୍ କରିବାରୁ ସେମାନେ ମଧ୍ୟ ବହୁ ହଇରାଣ ହେଲେଣି । ସ୍ଥାନୀୟ ଫୋରେଷ୍ଟର ଏସ. କେ ବେହେରା ଓ ବୁଦୁରା ସରପଞ୍ଚ ସଞ୍ଜୟ କୁମାର ମିଶ୍ର ବହୁ ଚେଷ୍ଟା କରି ବର୍ତ୍ତମାନ ହାତୀ ଘଉଡି ବାରେ ସଫଳ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ବିଜୁଳି ବିଭାଗର ଯନ୍ତ୍ରୀ ମଧ୍ୟ ହାତୀମାନେ ଚାଲି ଯାଇଛନ୍ତି । ଆଉ ବିଜୁଳି ବିଭ୍ରାଟ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି । ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ମାନି ହାତୀ ମାନଙ୍କୁ କୌଣସି ଅସୁବିଧା ନ ପହଞ୍ଚାଇ ସେମାନଙ୍କୁ ଘଉଡାଇବାକୁ ପଡୁଛି ବୋଲି ସ୍ଥାନୀୟ ରେଞ୍ଜର ସୂଚନା ଦେଇଛନ୍ତି ।

### ଭୋଟ୍ ପୂର୍ବରୁ ରାଜଧାନୀରେ କମିଶନରେଟ୍ ପୁଲିସର ବ୍ଲକିଂ ଚେକିଂ କଡାକଡି

# ଖଟି, ଜୁଆ ଆଡ୍ଡା, ବସ୍ତି, ସମ୍ବେଦନଶୀଳ ସ୍ଥାନରେ ପୁଲିସର ଚଢ଼ାଉ

ଭୁବନେଶ୍ୱର (ଭିଓଭି): ଆସନ୍ତା ଶନିବାର ଦିନ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି । ନିର୍ବାଚନ ହିଂସାକୁ ଦୃଷ୍ଟିରେ ରଖି ରାଜଧାନୀରେ କମିଶନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିଛି । ନିର୍ବାଚନକୁ ଆଖି ଆଗରେ ରଖି ତଥା ସହର ମଧ୍ୟରେ ଘଟୁଥିବା ବିଭିନ୍ନ ଅପରାଧକୁ ପ୍ରତିହତ କରିବା ନିମନ୍ତେ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୁଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ଗତକାଲି ଖାରବେଳ ନଗର ଥାନା, ଲିଙ୍ଗରାଜ ଥାନା, ଏୟାରପୋର୍ଟ ଥାନା, ତମାଣ୍ଡୋ ଥାନା, ଖଣ୍ଡଗିରି ଥାନା, ଭରତପୁର ଥାନା, ମଞ୍ଚେଶ୍ୱର ଥାନା, ନନ୍ଦନକାନନ ଥାନା ଓ ଇନ୍‌ଫୋନସିଟି ଥାନା ଅନ୍ତର୍ଗତ ଏକାଧିକ ଖଟି ସ୍ଥାନରେ ଚଢଉ କରାଯାଇଥିବା ବେଳେ, ସର୍ବସାଧାରଣ ସ୍ଥାନରେ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଧରପଗଡ ଅଭିଯାନ କରାଯାଇଥିଲା ।

ସେହିପରି ଗତ କିଛିଦିନ ହେବ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ରାତ୍ରିକାଳୀନ ଚେକି ଓ ବ୍ଲକିଂ କଡାକଡି ଭାବେ କରାଯିବା ସହ ବିଭିନ୍ନ ଥାନା ଅଞ୍ଚଳ ସମେତ ଟ୍ରାଫିକ ଥାନା ପୋଲିସ ମଧ୍ୟ ବିଭିନ୍ନ ଛକ ଓ ଟ୍ରାଫିକ ପଏଣ୍ଟରେ ନାକା ଲଗାଇ ଚେକି ଜାରି ରଖାଯାଇଛି । ବିଶେଷ କରି ରାତ୍ରି କାଳିନ ସମୟରେ ନାକା ଚେକ୍ ବେଳେ ଟଙ୍କା କାରବାର, ମଦ କାରବାର,

## ହିଂସା ରୋକିବାକୁ ସ୍ୱତନ୍ତ୍ର ଟିମ୍ ମୁତୟନ

ଅସ୍ତ୍ରଶସ୍ତ୍ର କାରବାର, ବେଆଇନ ସାମଗ୍ରିକ ଓ ନିଶା କାରବାର ଭଳି ଜିନିଷ ଆଦିକୁ ତନ୍ନ ତନ୍ନ କରି ଚେକିଂ କରାଯାଇ ସନ୍ଦେହଜନକ କାରବାର ଆଦି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ଏହି ପରିପ୍ରେକ୍ଷୀରେ ଗତକାଲି ରାତିରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିନ୍ନଭିନ୍ନ ଥାନା ଯଥା- କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଧଉଳି ଥାନା, ଲିଙ୍ଗରାଜ ଥାନା, ଏୟାରଫିଲ୍ଡ ଥାନା, ଏୟାରପୋର୍ଟ ଥାନା, ଖଣ୍ଡଗିରି ଥାନା, ଭରତପୁର ଥାନା, ଇନଫୋଭାଲି ଥାନା, ବଡଗଡ ଥାନା, ଲକ୍ଷ୍ମୀସାଗର ଥାନା, ମୈତ୍ରୀବିହାର ଥାନା, ଚନ୍ଦ୍ରଶେଖରପୁର ଥାନା, ନନ୍ଦନକାନନ ଥାନା, ଚନ୍ଦକା ଥାନା, ତମଣ୍ଡୋ ଥାନା, ମଞ୍ଚେଶ୍ୱର ଥାନା ଓ ଇନଫୋସିଟି ଥାନା ସମସ୍ତ ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ଧରପଗଡ କରାଯାଇଥିବା ବେଳେ ଏହି ଧରପଗଡ ଅଭିଯାନରେ ପୁଲିସ ଅଧିକାରୀ ଓ ଥାନା କର୍ମଚାରୀଙ୍କ ସମତେ ଟିମ୍ - ୬୦, ସିଟିଏସ ଟିମ୍ ଏବଂ ୨୧ ସେକ୍ସନ ପୁଲିସ ଫୋର୍ସ ମଧ୍ୟ ସାମିଲ ହୋଇଥିଲେ । ବିଶେଷ କରି ଆସନ୍ତା ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ତଥା ନିର୍ବାଚନକୁ ପ୍ରଭାବିତ କରୁଥିବା କିଛି କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିଲା । ଏହି ପରିପ୍ରେକ୍ଷୀରେ ଗତକାଲି ଭୁବନେଶ୍ୱର ସହରାଞ୍ଚଳ ଅର୍ନ୍ତଗତ ରାତ୍ରି କାଳିନ ସମୟରେ ନାକା ଚେକ୍ ବେଳେ ଟଙ୍କା କାରବାର, ମଦ କାରବାର, ଅସ୍ତ୍ରଶସ୍ତ୍ର କାରବାର, ବେଆଇନ ସାମଗ୍ରୀକ ଓ ନିଶା କାରବାର ବିରୋଧରେ କରାଯାଇଥିବା ଅଭିଯାନ ମାଧ୍ୟମରେ ମୋଟ ୭୮ଟି ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯାଇଛି । ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ସର୍ବସାଧାରଣ ଜାଗାରେ ମଦ୍ୟପାନ କରିବା ଓ ମଦ୍ୟପାନ କରି ଗାଡି ଚାଳନ କରିବା ବିରୋଧରେ ଆଗକୁ ମଧ୍ୟ ଜାରିରହିବ ।

### ମୌସୁମୀ ଶୀଘ୍ର ଆସିବାନେଇ ପାଣିପାଗ ବିଭାଗର ସୂଚନା

# କାଳିଗିରି ସେତୁର ଅଧପନ୍ତରିଆ କାର୍ଯ୍ୟକୁ ନେଇ ଯାତାୟାତ ବନ୍ଦ ସମ୍ଭାବନା

ଭାପୁର (ଭିଓଭି): ନୟାଗଡ ଜିଲ୍ଲା ଭାପୁର ବ୍ଲକର ପ୍ରବେଶ ପଥ ଫତେଗଡ ଗ୍ରାମ ନିକଟ ୪୮ ନମ୍ବର ରାଜ୍ୟ ରାଜପଥରେ ଅବସ୍ଥିତ କାଳିଗିରି ନଦୀ ଉପରେ ନିର୍ମାଣଧିନ ସୂଉଚ୍ଚ ପୋଲ କାର୍ଯ୍ୟ ଅହେତୁକ ବିଳମ୍ବ ଓ ଅଧାପନ୍ତରିଆ କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ଏହି ସେତୁ ଦେଇ ଦୈନିକ ନରସିଂହପୁର, ନୟାଗଡ, କଣ୍ଟିଲୋ, ଢେଙ୍କାନାଳ ଆଦି ଦୂରଦୁରାନ୍ତରୁ ବସ, କାର ଆଦି ଯାନବାହାନ ଯାତାୟାତ କରୁଛି । କିନ୍ତୁ, କାଳିଗିରି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବାରୁ ବର୍ଷା ଦିନେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ବସିଛି । ଚଳିତ ବର୍ଷ ମେ' ମାସ ଶେଷ ସପ୍ତାହ କିମ୍ବା ଜୁନ୍ ମାସ ପ୍ରଥମ ସପ୍ତାହରେ ମୌସୁମୀ ଆସିବା ନେଇ ପାଣିପାଗ ବିଭାଗ ସୂଚନା ଦେଇସାରିଲାଣି । ସେତୁ ନିର୍ମାଣ ଚାଲିଥିବାରୁ ସେତୁର ତଳେ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇ ଯାନବାହାନ ବର୍ତ୍ତମାନ ଚଳାଚଳ କରୁଛି । କିନ୍ତୁ, ବର୍ଷା ହେଲେ ସେ ଅସ୍ଥାୟୀ ରାସ୍ତା ବୁଡ଼ି ଯିବାର ଭୟ ରହୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ଫଳରେ, ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖିନ ହେବେ । ଉଲ୍ଲେଖଯୋଗ୍ୟ, ପ୍ରାୟ ୫୦ ବର୍ଷ ପୂର୍ବରୁ ତତ୍କାଳୀନ ଖଣ୍ଡପଡ଼ାର ବିଧାୟକ ସତ୍ୟ ସୁନ୍ଦର ମିଶ୍ରଙ୍କ ପ୍ରଚେଷ୍ଟାରେ ଭାପୁର ଓ ଖଣ୍ଡପଡ଼ାବାସୀଙ୍କ ଦୁଃଖ କଳିଗିରି ନଦୀ ଉପରେ ସେତୁ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ସେ ପୁରୁଣା ପୋଲଟି ନିମ୍ନ



ସ୍ତରରେ ନିର୍ମାଣ ହୋଇଥିବାରୁ ବର୍ଷା ଦିନେ ଏହା ଉପରେ ୮/୧୦ ଫୁଟ୍ ବନ୍ୟା ଜଳ ପ୍ରବାହିତ ହୋଇଥାଏ ଫଳରେ, ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥାଏ । ଫଳରେ, ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ପୋଲକୁ ଉଚ୍ଚତାରେ ନିର୍ମାଣ କରିବା ପାଇଁ ୯ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ତକଶିଳା ପ୍ରୋଜେକ୍ଟ ଏଣ୍ଡ ପ୍ରା.ଲି. କମ୍ପାନୀର ଠିକାଦାର ରାଜକୁମାର ସିଂହଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଯାହା ୨୦୨୩ ମସିହା ଡିସେମ୍ବର ମାସ ୩୧ରେ ସରିବା କଥା କିନ୍ତୁ ଅବଧି ଶେଷର ୫ ମାସ ଗତ ହୋଇଯାଇଥିଲେ ମଧ୍ୟ ପୋଲ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଫଳରେ, ଦୈନିକ ଶହ ଶହ ସଂଖ୍ୟକ ଯାନବାହାନ ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଅସ୍ଥାୟୀ ରାସ୍ତା ଦେଇ ଯାତାୟାତ କରୁଛି । ମୌସୁମୀ ଆସିଲେ ସେ ଅସ୍ଥାୟୀ ରାସ୍ତା ଉପରେ ୮ରୁ ୧୦ ଫୁଟ୍ ପାଣି ପ୍ରବାହିତ ହେଉଥିବାରୁ ସେ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାର ସମ୍ଭାବନା ରହିଛି । ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

### ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା ପାଇଁ ମିଳିତ ପ୍ରୟାସ

# ୧୭୬ ଏନ୍‌ସିସି କ୍ୟାଡେଟଙ୍କୁ ମିଳିଲା 'ଜୁନିୟର ରକ୍ଷକ' ମାନ୍ୟତା

ପୁରୀ (ଭିଓଭି): ଶ୍ରୀକ୍ଷେତ୍ର ପୁରୀରେ ଉଦ୍‌ଘାଟିତ ହୋଇଛି ପରିବହନ ବିଭାଗର ଜୁନିୟର ରକ୍ଷକ କାର୍ଯ୍ୟକ୍ରମ । ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଛନ୍ତି । ଭୋଳାନାଥ ହାଇସ୍କୁଲ ପରିସରରେ ଏନସିସି ସିନିୟର ୱିଙ୍ଗ୍‌ର ୫୭୫ ଜଣ କ୍ୟାଡେଟଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନରେ ୧୭୬ ଜଣ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଛନ୍ତି । ସେମାନଙ୍କୁ ପରିବହନ ବିଭାଗରୁ 'ଜୁନିୟର ରକ୍ଷକ' ମାନ୍ୟତା ପ୍ରଦାନ କରାଯାଇଛି । ଦ୍ୱିତୀୟ ଦିନରେ ଆଉ ୩୯୯ ଜଣଙ୍କ ପ୍ରଶିକ୍ଷଣ ଦିଆଯାଇ 'ଜୁନିୟର ରକ୍ଷକ' ମାନ୍ୟତା ପ୍ରଦାନ କରାଯିବ ।ଶିବିରରେ ଏନିସିସି କ୍ୟାଡେଟମାନଙ୍କୁ ସଡ଼କ ସୁରକ୍ଷା ଓ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ସଂପର୍କରେ ପ୍ରଶିକ୍ଷିତ କରାଯାଇଛି ।



ମାଷ୍ଟର ଟ୍ରେନର ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭ୍ରଜିତ ନାୟକ ପ୍ରଶିକ୍ଷଣ ଦେଇଥିଲେ । ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାରେ ଗୋଲଡେନ ଆୱାର ବା ଦୁର୍ଘଟଣା ଘଟିବାର ପରବର୍ତ୍ତୀ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଓ ତୁରନ୍ତ ହସ୍ପିଟାଲ ପହଞ୍ଚାଯାଇପାରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହାସହ ଜୁନିୟର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ୍ ଆମ୍ବାସଡର ଭଳି ଦାୟିତ୍ୱ ନିର୍ବାହ କରିବେ । ସେମାନେ ନିଜେ ସମସ୍ତ ନିୟମ ମାନିବା ସହ ନିଜ ପରିବାର, ଆଖପାଖ ଲୋକେ, ସାହିପଡ଼ିଶାରେ ମଧ୍ୟ ସଡ଼କ ସଚେତନତାର ବାର୍ତ୍ତା ବାଣ୍ଟିବେ ।

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ଦିଗରେ ଏନସିସି ସହଭାଗିତାରେ ପରିବହନ ବିଭାଗର ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ । ପୂର୍ବରୁ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ସେଥିରେ ସଫଳତା ମିଳିବା ପରେ ଏହି ପ୍ରୟାସକୁ ବ୍ୟାପକ କରିବାକୁ 'ଜୁନିୟର ରକ୍ଷକ' କାର୍ଯ୍ୟକ୍ରମ କରାଯାଉଛି । ଗତ ମାର୍ଚ୍ଚ ୬ରେ ଏ ସଂକ୍ରାନ୍ତରେ ଲୋକସେବା ଭବନରେ ପରିବହନ ବିଭାଗ ଓ ଏନସିସି ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ସାରା ରାଜ୍ୟରେ ୩୨ ହଜାର ଏନସିସି କ୍ୟାଡେଟଙ୍କୁ ଜୁନିୟର ରକ୍ଷକ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି । ଆଜିର କାର୍ଯ୍ୟକ୍ରମରେ ପରିବହନ କମିସନର କହିଥିଲେ, ଜଗତର ରକ୍ଷକ ଶ୍ରୀଜଗନ୍ନାଥଙ୍କ ପବିତ୍ର ପୁରୀ ଧାମରେ ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ । ସଡ଼କ ଦୁର୍ଘଟଣା ଓ ଏସଂପର୍କିତ ମୃତ୍ୟୁ ସଂଖ୍ୟା ହ୍ରାସ ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍ ।

### ପାର୍କିଂ ସ୍ଥଳୀ ନାହିଁ, ପର୍ଯ୍ୟଟକଙ୍କ ଠାରୁ ବେଆଇନ୍ ପାର୍କିଂ ଫି' ଆଦାୟ କରୁଛି କୋଣାର୍କ ଏନ୍‌ଏସି

# ତେଜୁଛି ଅସନ୍ତୋଷ, ଉଚ୍ଚ ସ୍ତରୀୟ ତଦନ୍ତ ଦାବି

କୋଣାର୍କ(ଭିଓଭି): ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ଏନ୍‌ଏସିର ନିଜସ୍ୱ ପାର୍କିଂ ସ୍ଥଳୀ ନଥିବା ବେଳେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ କୋଣାର୍କ ଆସି ରାସ୍ତା ପାର୍ଶ୍ୱରେ ଗାଡି ରଖୁଥିବା ପର୍ଯ୍ୟଟକମାନଙ୍କ ଠାରୁ ବେଆଇନ୍ ଭାବେ ଏନ୍‌ଏସି ଦ୍ୱାରା ନିୟୋଜିତ ପାର୍କିଂ କର୍ମଚାରୀମାନେ ଜବରଦସ୍ତ ପାର୍କିଂ ଫି' ଆଦାୟ କରିବା ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳର ଜନସାଧାରଣମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । କୋଣାର୍କ ଏନ୍‌ଏସି ପକ୍ଷରୁ ୫ଗୋଟି ସ୍ଥାୟୀ ପାର୍କିଂ ସ୍ଥଳୀ ଥିବା କାଗଜ କଲମରେ ଦର୍ଶା ଯାଇଥିବା ବେଳେ ବାସ୍ତବରେ କୋଣାର୍କ ଏନ୍‌ଏସିର ଆଦୌ ପାର୍କିଂ ସ୍ଥାନ ନ ଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କୋଣାର୍କ ଏନ୍‌ଏସିର ସ୍ଥାୟୀ ପାର୍କିଂ ସ୍ଥାନ ନଥିବା ବେଳେ ନଗର ଉନ୍ନୟନ ବିଭାଗର କେଉଁ ନିୟମ ଆଧାରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ରାସ୍ତା ପାର୍ଶ୍ୱରେ ଗାଡ଼ି ରଖୁଥିବା ପର୍ଯ୍ୟଟକମାନଙ୍କ ଠାରୁ ବେଆଇନ୍ ଭାବେ ପାର୍କିଂ ଫି' ଆଦାୟ କରିବା ଘଟଣା ସାଧାରଣରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କୋଣାର୍କ ଏକ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଥିବା




ବେଳେ କୋଣାର୍କ ଏନ୍‌ଏସିର ପାର୍କିଂ ସ୍ଥଳୀ ନଥାଇ ପର୍ଯ୍ୟଟକମାନଙ୍କ ଠାରୁ ଜବରଦସ୍ତ ବେଆଇନ ପାର୍କିଂ ଫି' ଆଦାୟ ଘଟଣାକୁ କୋଣାର୍କ ଭ୍ରମଣରେ ଆସିଥିବା କେତେକ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କୋଣାର୍କର ରାଜ ରାସ୍ତାରେ ଗାଡି ରଖି ଖାଦ୍ୟ ଖାଇବା ପାଇଁ ଯାଉଥିବା ପର୍ଯ୍ୟଟକମାନଙ୍କ ଠାରୁ ବେଆଇନ୍ ଭାବେ ଏନ୍‌ଏସି କର୍ତ୍ତୃପକ୍ଷ ଦ୍ୱାରା ନିୟୋଜିତ କର୍ମଚାରୀ ଆଦାୟ କରିବା କେତେ ଦୂର ଆଇନ ସମ୍ମତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ବିନା ଟେଣ୍ଡରରେ କାହା ଅନୁମତିରେ ରାସ୍ତାରେ ଗାଡି ରଖୁଥିବା ପର୍ଯ୍ୟଟକମାନଙ୍କ ଠାରୁ ବେଆଇନ ପାର୍କିଂ ଫି' ଆଦାୟ କରିବା ପାଇଁ ନିର୍ଦ୍ଦେଶ ରହିଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି । ଏହି ଆଦାୟ ଅର୍ଥ କୋଣାର୍କ ଏନଏସିର କେଉଁ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯାଉଛି ଏବଂ ଏହି କାର୍ଯ୍ୟ ପାଇଁ ନଗର ଉନ୍ନୟନ ବିଭାଗର କେଉଁ ସରକାରୀ ନିର୍ଦ୍ଦେଶନାମା ବଳରେ ଏହା କରାଯାଇଛି ତାହା ତଦନ୍ତ ସାପେକ୍ଷ ? କୋଣାର୍କ ଏନ୍‌ଏସିର ବେଆଇନ ପାର୍କିଂ ଫି' ଆଦାୟ ଘଟଣା ଓ ପର୍ଯ୍ୟଟକ ମାରଣ ନୀତି ବିରୁଦ୍ଧରେ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ପର୍ଯ୍ୟଟକ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।



**Nihar Ranjan Acharya**

## REJUVENTING OUR PLANET:

# THE VITAL NEED FOR ECOSYSTEM RESTORATION

(Celebrating World Environment Day)

Ecosystems are the lifeblood of our planet, providing essential services that sustain human life and the myriad of species with which we share our world. Yet, the degradation of these vital systems has reached alarming levels due to human activities such as deforestation, pollution, and urbanization. Recognizing the critical importance of restoring damaged ecosystems, the United Nations has declared the 2021-2030 period as the Decade on Ecosystem Restoration. This global call to action aims to prevent, halt, and reverse the degradation of ecosystems worldwide. Understanding and actively participating in ecosystem restoration is not only an environmental imperative but also a path to sustainable development and improved human well-being.



### What is Ecosystem Restoration?

Ecosystem restoration involves the process of assisting the recovery of ecosystems that have been degraded, damaged, or destroyed. The goal is to return these ecosystems to a condition as close as possible to their natural state, allowing them to regain their ecological functionality and biodiversity. Restoration activities can range from reforestation and wetland restoration to rehabilitating coral reefs and revitalizing urban green spaces.

### The Importance of Ecosystem Restoration

**1. Biodiversity Conservation:** Healthy ecosystems are home to diverse plant and animal species. Restoring ecosystems helps to preserve this biodiversity, ensuring that species at risk of extinction have habitats in which they can thrive.

**2. Climate Regulation:** Ecosystems such as forests, wetlands, and oceans play a crucial role in regulating the Earth's climate by sequestering carbon dioxide from the atmosphere. Restoration efforts enhance these natural processes, helping to mitigate the impacts of climate change.

**3. Water Purification and Flood Control:** Wetlands and riparian zones act as natural water filters, removing pollutants from water before it reaches larger bodies of water. They also provide flood control by absorbing excess rainfall, reducing the risk of floods.

**4. Soil Health and Agriculture:** Restored ecosystems improve soil fertility and stability, which benefits agricultural productivity. Healthy soils support crops, reduce erosion, and enhance resilience to climate extremes.

**5. Human Health and Well-being:** Access to green spaces and healthy natural environments contributes to physical and mental health. Ecosystem restoration projects often create recreational areas and enhance the aesthetic value of landscapes.

### Strategies for Effective Ecosystem Restoration

**1. Community Involvement:** Engaging local communities in restoration projects ensures that efforts are sustainable and culturally appropriate. Local knowledge and participation are vital for the long-term success of restoration initiatives.

**2. Scientific Research and Monitoring:** Restoration projects should be guided by scientific research to identify the best practices for different ecosystems. Ongoing monitoring is essential to assess the effectiveness of restoration efforts and make necessary adjustments.

**3. Policy Support and Funding:** Government play a crucial role in supporting ecosystem restoration through policies, regulations, and funding. International cooperation and financial mechanisms can also provide the necessary resources for large-scale restoration projects.

**4. Innovative Approaches:** Employing innovative techniques such as rewilding, which involves reintroducing native species, and using technology for precision restoration can enhance the effectiveness of restoration efforts.

**5. Education and Awareness:** Raising public awareness about the importance of ecosystem restoration and educating future generations is essential for fostering a culture of conservation and stewardship.

### Global Initiatives and Success Stories

**Several global initiatives and success stories highlight the potential of ecosystem restoration:**

**The Green Wall:** This African-led initiative aims to restore 100 million hectares of degraded land across the Sahel region. It seeks to combat desertification, improve food security, and create jobs.

**China's Loess Plateau:** Restoration efforts in this region have transformed barren landscapes into fertile fields, significantly improving local livelihoods and biodiversity.

**Coral Reef Restoration:** Projects around the world are using techniques such coral gardening and artificial reefs to rehabilitate damaged coral ecosystems, which are crucial for marine biodiversity.

### A Call to Action

**Ecosystem Restoration** is a shared responsibility that requires global collaboration, innovation, and commitment. As individuals, we can contribute by supporting restoration projects, advocating for policies that protect natural habitats, and adopting sustainable practices in our daily lives. By working together to restore our ecosystems, we can build a resilient planet that supports both human and ecological health.

In this Decade on Ecosystem Restoration, let us seize the opportunity to heal our planet. Through dedicated efforts and a collective vision for a sustainable future, we can ensure that ecosystems flourish, biodiversity thrives, and the Earth remains a vibrant home for all.

Founder and Working Director, TRUST – a Science Lover Organization
'Scientific Officer',
Indian Climate Congress
**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**



# ଆମ ଗଣମାଧ୍ୟମରେ ଓଡ଼ିଆ ଭାଷାର ପ୍ରବଳ ବିକୃତୀକରଣ ଆରମ୍ଭ ହେଇଯାଇଥିବା ଲକ୍ଷ୍ୟ କରାଯାଉଛି !

ସମ୍ବିତ୍ ମିଶ୍ର

ଭାଷାକୁ ନେଇ ନାନା ବଖାଣ। ନାନା ଅସ୍ମିତା ବଖାଣ। ସବୁଆଡେ ନିଜ ଓଡ଼ିଆ ଭାଷାକୁ ନେଇ ଚର୍ଚ୍ଚା। ସରକାରୀ ଓ ବେସରକାରୀ ସ୍ତରରେ ବହୁ ଆୟୋଜନ ଓ ସମ୍ମେଳନ। ଭାଷା ମରିଯିବା କଥା ବଖାଣରେ କେତେକଙ୍କ ବିଭିନ୍ନ ମଞ୍ଚରେ ଓ ଗଣମାଧ୍ୟମରେ କୁମ୍ଭୀରକାନ୍ଦଣା। ଆଉ ଭାଷାକୁ ନେଇ ଏମିତି ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟକରି କିଛି ଭାଷାବୁଡ଼ାଳୀଙ୍କୁ ମଞ୍ଚରେ ବସେଇ ଦି'ପଦ ଭାଷଣ ବୋବାଇଲେ ଭାଷା କ'ଣ ବଞ୍ଚିଉଠିବ ? ୧୯୩୬ରୁ ଆଜିପର୍ଯ୍ୟନ୍ତ ବହୁ ଚେଷ୍ଟା। ଭାଷାର ବ୍ୟବହାର କ୍ଷେତ୍ର ବ୍ୟାପକ। ସମାଜର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ କାହିଁକି, ପଢ଼ି ଲେଖି ଜାଣି ନଥିବା ପ୍ରତ୍ୟେକ ମଣିଷ ବିଭିନ୍ନ କାର୍ଯ୍ୟ ଉପଲକ୍ଷେ ଭାଷା ବ୍ୟବହାର କରନ୍ତି। ଭାବ ବିନିମୟର ଏଇ ସହଜ ମାର୍ଗଟି ସମାଜର ସମସ୍ତବର୍ଗର ଲୋକଙ୍କ ଦ୍ୱାରା ପ୍ରଚଳିତ। ଲେଖାପଢ଼ା ଜାଣିଥିବା ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଖବରକାଗଜ ପଢ଼ି କିଛି ଜାଣିପାରନ୍ତି। ମାତ୍ର ଲେଖାପଢ଼ା ଅଜ୍ଞାତ ଲୋକେ ରେଡ଼ିଓ ଶୁଣି ଓ ଟିଭି ଦେଖି ଅନେକ କଥା ଜାଣନ୍ତି ଓ ବୁଝିବାରେ କ୍ଷମ ହୁଅନ୍ତି। ତେଣୁ ଭାଷା କାରବାରରେ ଛାପା, ଦୃଶ୍ୟଶ୍ରାବ୍ୟ ଓ ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଆମ ତଥାକଥିତ ଗଣମାଧ୍ୟମରେ ଅନେକ ଭାଷାନଭିଜ୍ଞ ବନ୍ଧୁ ଭାଷା ବ୍ୟବହାର କରନ୍ତି। ଚିରୁ ଚିରୁ ଚିରିଦେଲି ନ୍ୟାୟରେ ଏମାନେ କି-ବୋର୍ଡରେ ଅଭ୍ୟାସ କଲା ଭଳି କିଛି ଟାଇପ୍ କରିଦିଅନ୍ତି। ଭାବନ୍ତି ଟିଭି ପରଦାରେ ଯାହା ଦେଖାଉଛୁ ତାହା ଶୁଦ୍ଧ ଓଡ଼ିଆ। କୌଣସିମତେ ବିଭିନ୍ନ ଗଣମାଧ୍ୟମ ଶିକ୍ଷାନୁଷ୍ଠାନରୁ ପ୍ରମାଣପତ୍ର ଖଣ୍ଡେ ଲେଖାଏଁ ହାତେଇ ନିଜକୁ ବୋଲାନ୍ତି ସମ୍ପାଦକ ଓ ସାମ୍ବାଦିକ। ବର୍ଣ୍ଣ, ଶବ୍ଦ, ପ୍ରତିଶବ୍ଦ, ବିପରୀତ ଶବ୍ଦ, ବାକ୍ୟ ଗଠନରେ ବି ସାଧାରଣ ଜ୍ଞାନ ନ ଥିବା ଘଟଣା ସେମାନଙ୍କ କାର୍ଯ୍ୟଶୈଳୀରୁ ହିଁ ତାଙ୍କ ଜ୍ଞାନକୁ ସ୍ପଷ୍ଟ କରିଦିଏ।

### ଆମୂଳାନ୍ତ ପ୍ରମାଦ

ଆମେ ଦେଖୁଥିବା ପ୍ରତିଟି ଇଲେକ୍?ଟ୍ରନିକ ମାଧ୍ୟମ, ପଢୁଥିବା ପ୍ରାୟ ପ୍ରତିଟି ଛାପା ଗଣମାଧ୍ୟମ ଯଥା- ଟିଭି, ଖବରକାଗଜ ଓ ସାମାଜିକ ଗଣମାଧ୍ୟମରେ ପ୍ରତିଟି ଅନୁଚ୍ଛେଦରେ ଶବ୍ଦଠାରୁ ଆରମ୍ଭ କରି ବାକ୍ୟଗଠନ ଯାଏ କେବଳ ଆମୂଳାନ୍ତ ପ୍ରମାଦ। ବେଳେବେଳେ କିଛି ବୁଦ୍ଧିଜୀବୀ ଏହାର ପ୍ରତିବାଦ ସ୍ୱରୂପ କିଛି ସମ୍ପାଦକୀୟ ପୃଷ୍ଠା ଓ ପ୍ରବନ୍ଧ ଲେଖି ଲୋକଲୋଚନକୁ ଆଣନ୍ତି। କିନ୍ତୁ ଦୁଃଖର ବିଷୟ ଯେ ଏତିକିରେ ସୀମିତ ରହିଲେ ଭାଷା କେବଳ ଭାଷଣରେ ରହିଯିବ ପଛେ, ଆଉ ବିକଶିତ ହେବା ଅସମ୍ଭବ ହେବ। ଗଣଙ୍କ ଅପେକ୍ଷା ଭାଷା ଆନ୍ଦୋଳନରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଛାପା ହେଉ କି, ଇଲେକ୍ଟ୍ରନିକ୍ ଅବା ସାମାଜିକ ଗଣମାଧ୍ୟମ ହେଉ, ଏହାଦ୍ୱାରା ଭାଷାର ଉପଯୁକ୍ତ ପ୍ରଚାର, ପ୍ରସାର ମାଧ୍ୟମରେ ଭାଷାର ବ୍ୟାପକତା ବଢ଼ିବ, ବ୍ୟବହାର ଯୋଗୁଁ ପରିସର ମଧ୍ୟ ବୃଦ୍ଧି ପାଇବ। ଗଣଙ୍କ ଉଦ୍ଦେଶ୍ୟରେ ଗଣଙ୍କ ପାଇଁ ଗଣବାର୍ତ୍ତା ପହଞ୍ଚାଉଥିବା ମାଧ୍ୟମ ହେଉଛି ଗଣମାଧ୍ୟମ। ଗଣଙ୍କୁ ସୂଚନା ପ୍ରଦାନ କରିବା, ଶିକ୍ଷିତ କରିବା, ସେମାନଙ୍କ ମନୋରଞ୍ଜନ କରାଇବା, ପ୍ରଭାବିତ କରିବା ଏବଂ ଅତି ଗୁରୁତ୍ୱପୂର୍ଣ୍ଣ ସାମାଜିକ ତଥା ସାଂସ୍କୃତିକ ଦାୟିତ୍ୱବୋଧ ତୁଲାଇବା, ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ।



ଗଣମାଧ୍ୟମ ହେଉଛି ଗଣଯୋଗାଯୋଗର ପ୍ରକୃଷ୍ଟ ସହାୟକ। ସମୂହ ସ୍ୱାର୍ଥରେ ଏହା ବିନିଯୁକ୍ତ ହୋଇଥାଏ। ସୂଚନା ପ୍ରଦାନ କରିବାର ଏକ ବଳିଷ୍ଠ ମାଧ୍ୟମ ହେଉଛି ଗଣମାଧ୍ୟମ। ଏହା ଗଣଶିକ୍ଷଣ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ। ଅପର ପକ୍ଷରେ ଏହା ଗଣ ମନୋରଞ୍ଜନର ଅନ୍ୟତମ ମଧ୍ୟମ। ଏ ଦୃଷ୍ଟିରୁ ଗଣମାଧ୍ୟମ ଏକ ଅସାମାନ୍ୟ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିଥାଏ। ଏହା ସାଂସ୍କୃତିକ ସଚେତନତା ସୃଷ୍ଟି କରିବା ସହିତ ସାଂସ୍କୃତିକ ପ୍ରାଣପ୍ରବାହକୁ ମଧ୍ୟ ବିକଶିତ କରେ। ଗଣଜୀବନ ପାଇଁ ଏହା ଏକ ପ୍ରଭାବଶାଳୀ ମାଧ୍ୟମ ଏବଂ ସୂଚନା ଆଧାରରେ ଜନସମାଜକୁ ବହୁ ଭାବରେ ଉପକୃତ କରିଥାଏ। ଜରୁରୀ ପରିସ୍ଥିତିରେ ମଧ୍ୟ ଏହା ବିଶେଷ ସୂଚନା ପ୍ରଦାନ କରି ସମାଜର କଲ୍ୟାଣ ସାଧନ କରିଥାଏ।

### ଭାଷାର ବିକୃତୀକରଣ

ଗଣମାଧ୍ୟମର ଦାୟିତ୍ୱ ହିସାବରେ ଗୋଟିଏ ଭାଷାକୁ ବଞ୍ଚାଇବାର ପ୍ରୟାସରେ ବେଳେବେଳେ ଓଡ଼ିଆ ଭାଷାର ବିକୃତୀକରଣ ଆରମ୍ଭ ହେଇଯାଉଥିବା ଲକ୍ଷ୍ୟ କରାଯାଉଛି। ଅଧିକତର ଭାବରେ ବିଶ୍ଳେଷଣ କଲେ ଜଣାପଡେ ଯେ ଗଣମମାଧ୍ୟମରେ ଭାଷାର ବ୍ୟବହାର ମୁଖ୍ୟତଃ ତିନୋଟି ଉଦ୍ଦେଶ୍ୟ ପାଇଁ କରାଯାଇଥାଏ। ଉପଯୁକ୍ତ ଭାଷା ମାଧ୍ୟମରେ ଗଣଙ୍କୁ ସୂଚନା, ଶିକ୍ଷା ଓ ମନୋରଞ୍ଜନ କରିବା ଏହାର ମହତ୍ତର କର୍ତ୍ତବ୍ୟ। ଭାଷାର ପ୍ରାୟତଃ ଏହି ତିନୋଟି ଦିଗ ଛାଡ଼ିଦେଲେ ଅନ୍ୟଗୁଡ଼ିକ ପ୍ରତି ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ତଥାପି ଆଲୋଚିତ ଦିଗଗୁଡିକ ଦ୍ୱାରା ନିଜ ଭାଷଣର ବିକୃତୀକରଣ ବଦଳରେ ଶୁଦ୍ଧ ଭାଷା ପ୍ରୟୋଗ କରି ଭାଷାର ପରିସର ଅଧିକ ବୃଦ୍ଧି କରାଯାଇପାରେ। ବିକୃତୀକରଣର କେତୋଟି କାରଣ ବିଷୟରେ ଚର୍ଚ୍ଚା କରାଯାଇପାରେ। ଯଥା:

୧ – ଖବର ପ୍ରକାଶନ ଓ ପ୍ରସାରଣରେ ଉପଯୁକ୍ତ ସମୟ ଅଭାବରୁ ନିଜ ଭାଷା ବଦଳରେ ଅନ୍ୟ ଭାଷାର ବ୍ୟବହାର,

୨– ନିଜର ଅଜ୍ଞତାକୁ ଘୋଡ଼ାଇବା ପାଇଁ ଅନ୍ୟ ଭାଷାରୁ ଶବ୍ଦ ଉଦ୍ଧାର ଆଣିବାର ଅସୁସ୍ଥ ପରମ୍ପରା,

୩– ଅଧିକ ପଠନ ନ କରିବା ଦ୍ୱାରା ନିଜ ଭାଷାର ଶବ୍ଦଭଣ୍ଡାରର ସୀମିତ ବ୍ୟବହାର,

୪– ଅନ୍ୟ ଭାଷାର ଶବ୍ଦକୁ ବାରମ୍ବାର ଶୁଣିବା ଓ ଦେଖିବା ଦ୍ୱାରା ଅନ୍ୟଭାଷା ପ୍ରତି ବିଶେଷ ଆଗ୍ରହ,

୫– ଗୁଗୁଲ୍ ଟ୍ରାନ୍ସଲେଟ୍ ଭଳି ଟୁଲସ୍?ର ତ୍ରୁଟିପୂର୍ଣ୍ଣ ବ୍ୟବହାର,

୬– ହିନ୍ଦୀ, ଇଂରାଜୀ ଏବଂ ଓଡ଼ିଆ ଶବ୍ଦର ମିଶ୍ରଣରେ ହିଙ୍ଗ୍?ଡିଆ ଶବ୍ଦର ପ୍ରଚଳନ,

୭– ଘରେ ଅବା କାର୍ଯ୍ୟାଳୟରେ ଓଡ଼ିଆ ଶବ୍ଦକୋଷର ସୀମିତ ବ୍ୟବହାର,

୮– ନିଜ ବୁଦ୍ଧି ଅପେକ୍ଷା ଏ.ଆଇ.ର ଅଧିକ ବ୍ୟବହାର,

୯– ଅଧିକ ଦର୍ଶକୀୟ ବା ପାଠକୀୟ ଆଦୃତି ଦାୟରେ ମିଶ୍ରିତ ଶବ୍ଦର ବ୍ୟାପକ ବ୍ୟବହାର,

୧୦–ଶିରୋନାମା ବା ହେଡଲାଇନ୍କୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବହୁଳ ପ୍ରୟୋଗ।

ଅବଗତି ପାଇଁ, ଏହିଭଳି ବିକୃତିକରଣର କେତୋଟି ନମୁନା ଅବଶ୍ୟ ଏଠାରେ ଦିଆଯାଇପାରେ। ଗୋଟିଏ ୱେବ୍ ମାଧ୍ୟମରେ ପାଠକ ସଂଖ୍ୟା ବୃଦ୍ଧି କରିବା ପାଇଁ କରାଯାଇଥିବା ଭିନ୍ନ ପ୍ରୟାସର ଗୋଟିଏ ଦୃଷ୍ଟାନ୍ତ ହେଉଛି :

> ସକାଳୁ ଉଠି ସ୍ନାନ ସାରି ଭଗବାନଙ୍କ ସରଣାପନ୍ନ ହେବ ଉତ୍ତମ ହୋଇଥାଏ, ଗଙ୍ଗା ଜଳ ରେ ଭଗବାନ ଙ୍କୁ ଅଭିଷେକ୍ଷ କରିବା ଦରକାର କାରଣ ଏହି ଜଳ କୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ କାରଣ କୁହାଯାଏ କି ଦେବତା ମାନେ ଏହି ନଦୀରେ ସ୍ନାନ କରିଥିଲେ ସେଇପାଇଁ ଏହାକୁ ଅତ୍ୟନ୍ତ ପବିତ୍ର ଜଳ ବୋଲି ବିଶ୍ୱାସ କରାଯାଏ। ତେବେ ସୂର୍ଯ୍ୟ ନଆସିବ ପୂର୍ବରୁ ବିଛଣା ଛାଡ଼ିବା ଲୋକ ସଫଳ ହୋଇଥାଏ,ତାଙ୍କ ପାଖରେ କେବେ ବି ଲକ୍ଷ୍ମୀ ଙ୍କ କମି ହୋଇନଥାଏ। ଏବଂ ସ୍ନାନ କରିବା ସମୟରେ ଜଳ ରେ ଗଙ୍ଗାଜାଲା ମିଶେଇ ସ୍ନାନ କରନ୍ତୁ ଜୀବନ ବଦଳିଯିବ ଆସିଯିବ ଧନ ରତ୍ନ।

(ନମୁନା-୧)

ଉପରୋକ୍ତ ଉଦାହରଣରର ପ୍ରଥମ ବାକ୍ୟରେ ଶରଣାପନ୍ନ ବଦଳରେ ସରଣାପନ୍ନ, ଅଭିଷେକ ବଦଳରେ ଅଭିଷେକ୍ଷ। ପ୍ରଥମ ବାକ୍ୟରେ ଆରମ୍ଭ, ଶେଷ ଓ ବାକ୍ୟ ସଂରଚନା ଦୃଷ୍ଟିରୁ ବିଚାର କଲେ ଦେଖାଯାଉଛି ଏହି ବାକ୍ୟଟି ସରଳ, ଜଟିଳ ବା ଯୌଗିକ ଭଳି କୋଣସି ଶ୍ରେଣୀଭୁକ୍ତ ହେଉନାହିଁ। ଦ୍ୱିତୀୟ ବାକ୍ୟରେ ନ ଆସିବା ବଦଳରେ ନ ଆସିବ, ଧନର ଅଭାବ ହୋଇନଥାଏ ବଦଳରେ ଲକ୍ଷ୍ମୀଙ୍କ କମି ହୋଇନଥାଏ, ଗଙ୍ଗାଜଳ ବଦଳରେ ଗଙ୍ଗାଜାଲା ଇତ୍ୟାଦି ହିନ୍ଦୀ ବାକ୍ୟରୁ ଗୁଗୁଲ୍ ଟ୍ରାନ୍ସଲେଟ୍ ହୋଇଥିବା ଅତି ସ୍ପଷ୍ଟ।

> ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଗଙ୍ଗା ଜଳର ମହତ୍ତ୍ୱ ରହିଛି ଏହିଁ ଜଳ ଅତ୍ୟନ୍ତ ପୂର୍ଣ୍ଣ ଏବଂ ପବିତ୍ର ହୋଇଥାଏ। ଆପଣ ଯେଉ ବି ମନ୍ଦିର କୁ ଯାଆନ୍ତୁ ଅବା ଭଗବାନ ଙ୍କୁ ପୂଜା କରନ୍ତୁ ଟିକିଏ ଗଙ୍ଗ ଜଳ ରେ ସୁଦ୍ଧ କରିଦିଅନ୍ତୁ। ଏହା ପରେ ଆପଣଙ୍କ ମନ ର କଥା ଭଗବାନଙ୍କୁ ଜଣାନ୍ତୁ। ସବୁକିଛି ଭଗବାନ ଆପଣଙ୍କ ଘରେ ଭରିଦେବେ। ଲୋକଙ୍କୁ ଶେଷ ସମୟ ରେ ଗଙ୍ଗା ଜଳ ଦେଲେ ସେହି ବ୍ୟକ୍ତି ମୋକ୍ଷ ପାଇଯାଏ ମାରିବା ପରେ ସିଧା ସ୍ୱର୍ଗ ଲୋକ କୁ ଯାଇଥାଏ। ତେବେ ଏହିପରି ଗଙ୍ଗାଜଳର ଅନେକ ମହିମା ରହିଛି...
>
> ଶନାତନ ଧର୍ମ ରେ ଲବଙ୍ଗକୁ ବହୁତ ପବିତ୍ର ବୋଲି ବିଶ୍ୱାସ କରାଯାଏ ତେବେ ଏହାକୁ ଶୋଇବା ସମୟରେ ଆପଣଙ୍କ ତଳେ ରଖିବା ସୁଅନ୍ତୁ। ଏବଂ ସକାଳେ ଉଠିଲା ପରେ ଏହାକୁ ପାଣି ମିଶେଇ ଖାଇଦିଅନ୍ତୁ। ଏହା କରିବା ଦ୍ୱାରା ଅନେକ ଫଳ ମିଳିଥାଏ। ଲବଙ୍ଗ କୁ ତନ୍ତ୍ର ମନ୍ତ୍ର ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହା ବହୁତ ଶୁଭ ହୋଇଥାଏ ତେବେ ଏହି ଜିନିଷ ଅତ୍ୟନ୍ତ ଭଲ ହୋଇଥାଏ। ତେବେ ଚାଲନ୍ତୁ ଏବେ ଜାଣିବା ସେ କେଉଁ ଜିନିଷ ଯାହାକୁ ଖାଇବା ଦ୍ୱାରା ସବୁ କିଛି ମିଳିଯାଇଥାଏ। ଏବଂ ପାଖରେ ଲକ୍ଷ୍ମୀଙ୍କର ଅଭାବ ହୋଇନଥାଏ।

(ନମୁନା-୨)

ଏଇ ଉଦାହରଣରେ ଏହି ବଦଳରେ ଏହିଁ, ଯେଉଁ ବଦଳରେ ଯେଉ, ଶୁଦ୍ଧ ବଦଳରେ ସୁଦ୍ଧ, ମରିବା ବଦଳରେ ମାରିବା, ସନାତନ ବଦଳରେ ଶନାତନ, ଶୁଅନ୍ତୁ ବଦଳରେ ସୁଅନ୍ତୁ। ବାକ୍ୟ ମଝିରେ ତେବେର ବ୍ୟବହାର କରି ବାକ୍ୟକୁ କଦର୍ଯ୍ୟ କରାଯାଇଛି। ଏହି ଉଦହାରଣରେ ତିନୋଟି "ସ, ଶ, ଷ"ର ବ୍ୟବହାର ଅତି ବିକୃତ ଭାବରେ କରାଯାଇଛି। ଧ୍ୱନ୍ୟାତ୍ମକ ଓ ଉଚ୍ଚାରଣ ଦୃଷ୍ଟିରୁ ବିଚାର କଲେ ତିନୋଟି ଶ,ଷ,ସ ର ଉତ୍ପତ୍ତି ସ୍ଥଳ ଭିନ୍ନ ହୋଇଥିବାରୁ ତାହାର ପ୍ରୟୋଗ ମଧ୍ୟ ଭିନ୍ନ। ଏହିପରି ଅନେକ ଉଦାହରଣ ପ୍ରତିଦିନ ଆମେ ଦେଖିବାକୁ ପାଇଥାଉଁ।

ଛାପା, ଇଲେକ୍ଟ୍ରନିକ୍ ଓ ସାମାଜିକ/ନୂତନ ଗଣମାଧ୍ୟମରେ ଏଇ କେତେ ବର୍ଷଧରି ବିଚିତ୍ର ପ୍ରକାରର ଶବ୍ଦବସାଣ ପରିଲକ୍ଷିତ ହେଉଛି। ଯଥା-

ତନାଘନା- ପୋଲିସ୍ ତନାଘନା ଉଦ୍ୟମ ଜାରି ରଖିଛି। ଏଠାରେ ତଦନ୍ତ ସ୍ଥାନରେ ତନାଘନାର ପ୍ରୟୋଗ ଘଟିଛି।

ଛାନ୍‌ଭିନ୍ – ପୂର୍ବ ଡକେଇତିର ଛାନ୍‌ଭିନ୍ ଚାଲିଛି। ଏଠି ତଦନ୍ତ ଅର୍ଥରେ ଛାନ୍‌ଭିନ୍ ଲାଗିଛି।

କାଗଜାତ୍ -କମ୍ପାନୀ ସମସ୍ତ କାଗଜାତ୍ ଦାଖଲ କଲେ ସ୍ଥାନରେ କାଗଜ ଦାଖଲ କଲେ ବୋଲି ଲେଖାଯାଉଛି।

ଦସ୍ତାବିଜ ବଦଳରେ ଦସ୍ତାବିଜ୍, କାଗଜ ବଦଳରେ କାଗଜାତ୍ ବ୍ୟବହାର କରାଯାଉଛି। ସେହିପରି ଅନେକ ମନୋରଞ୍ଜନ ଟିଭି ଚ୍ୟାନେଲ୍ ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମରେ "ମହା' ଶବ୍ଦକୁ ନେଇ ମହାମୁକାବିଲା, ମହାସପ୍ତାହ, ମହାଗୁରୁ, ମହାମିଶ୍ରଣ, ମହାକବିତା ଇତ୍ୟାଦି ବହୁଳ ବ୍ୟବହାର କରୁଛନ୍ତି। ଏପରିକି ରଥଯାତ୍ରାର ପ୍ରସାରଣରେ ଏହି ଯାତ୍ରା 'ମହାଯାତ୍ରା' ବୋଲି କେତେକ ଗଣମାଧ୍ୟମ ଘୋଷଣା କରିଛନ୍ତି। ମହାଯାତ୍ରା ମୃତ୍ୟୁର ସଙ୍କେତ ଦିଏ। ଏଇ ଯାତ୍ରା ଅପୂର୍ବ ଯାତ୍ରା। ପୂର୍ବରୁ ଏଇ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବାବେଳେ ଏହାକୁ ଅପୂର୍ବ ଯାତ୍ରା, ମାହାଯାତ୍ରା ଭାବରେ ଘୋଷଣା କରିବା ଅସମୀଚୀନ। ଏମିତି ବିଚାରି ବସିଲେ, ଅନେକ ଦୃଷ୍ଟାନ୍ତ ଦୃଷ୍ଟିରେ ଆସିବ।

### ଭାଷାର ଉଦ୍‌ଭ୍ରାନ୍ତ ପ୍ରୟୋଗ

ଉପଯୁକ୍ତ ଓଡ଼ିଆ ଶବ୍ଦ ବଦଳରେ 'ବହୁତ ଇ ସାରା', 'ସମସ୍ତ ଲୋକେ', 'ବହୁତ କମ୍', 'ହେଭିୱେଟ୍ ନେତା', 'ଦଳ ସୁପ୍ରିମୋ', 'ଦବ୍‌ଦବା', 'ଟେନସନ୍ ବଢିଲା', 'ରୋଡ୍ ସୋ', 'ଧୂଆଁଧାର ପ୍ରଚାର', 'ଡବଲ୍ ଧମାକା', 'ହାଇଡ୍ରାମା', 'ହାଇଭୋଲଟେଜ୍ ନେତା', 'ପରିବର୍ତ୍ତନର ହାୱା' ଭଳି ଅଯଥା ଅନେକ ଇଂଓଡ଼ିଆ ଉଦ୍‌ଭ୍ରାନ୍ତ ଶବ୍ଦ ପ୍ରୟୋଗ କରି ଆମ ଭାଷାର କଣ୍ଠରୋଧ କରୁଛନ୍ତି। ସାଧାରଣ ଦର୍ଶକ ଓ ପାଠକଙ୍କୁ ଅନେକାଂଶରେ ବିଭ୍ରାନ୍ତ କରାଯାଉଛି। ନିଜକୁ ଅତି ଯୋଗ୍ୟ ମନେକରୁଥିବା କେତେଜଣ ପ୍ରତିଷ୍ଠିତ ଉପସ୍ଥାପକ ଓ ଘୋଷକ ତାଙ୍କ ଉଚ୍ଚାରଣରେ ଅନେକତ୍ର ହଳନ୍ତ୍ ର ଅଯଥା କୃତ୍ରିମ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ଭାଷା ଲୋକାଭିମୁଖୀ ହେଉଛି କି ସେ ନିଜେ ଲୋକପ୍ରିୟ ହେଉଛନ୍ତି ତାହା ବେଳେବେଳେ ସନ୍ଦେହ ଘେରରେ ରହୁଛି। ଆମର ସମୃଦ୍ଧ ଶବ୍ଦଭଣ୍ଡାରରୁ ଶବ୍ଦ ଚୟନ ନ କରି ଇଂରାଜୀ, ଯାବନିକ, ହିନ୍ଦୀ, ସଂସ୍କୃତ, ପାର୍ସି, ଉର୍ଦ୍ଦୁ ଇତ୍ୟାଦିରୁ ଶବ୍ଦ ଆଣି ପ୍ରୟୋଗ କରିବା ଦଳେ ମନୁଆଙ୍କ ନିତିଦିନିଆ ଅଭ୍ୟାସ। କିଏ କିଏ ପୁଲିସ୍ ଲେଖୁଛନ୍ତି ତ ଆଉ କିଏ କିଏ ପୋଲିସ୍, କେତେକ ଜୋରିମାନା ବଦଳରେ ଜରିମାନା ଶବ୍ଦର ବ୍ୟବହାର କରନ୍ତି। ସମୟ ଥିଲା ଦୈନିକ ଓଡ଼ିଆ ଖବରକାଗଜ 'ସମାଜ' ଓ ଦୈନିକ ଇଂରାଜୀ ଖବରକାଗଜ 'ହିନ୍ଦୁ'କୁ ଭାଷା ଶିଖିବାର ଏକ ମାନକ ଭାବରେ ବ୍ୟବହାର କରୁଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଖବରକାଗଜର ସଂଖ୍ୟା ବଢ଼ିଛି ସତ କିନ୍ତୁ ଭାଷାର ମାନ ନିର୍ଣ୍ଣାୟକ ଭାବରେ କୌଣସି କାଗଜ ନିର୍ଭରଯୋଗ୍ୟ ନୁହେଁ ବୋଲି କହିବା ଅଯୌକ୍ତିକ ନୁହେଁ।

(ସୌଜନ୍ୟ: ସାହିତ୍ୟ ଚର୍ଚ୍ଚା)

# ଆତ୍ମସମର୍ପଣ କଲେ କେଜ୍ରିୱାଲ, କହିଲେ ଜେଲରୁ ଥାଇ ଦଳ କଥା ବୁଝିବି

**ନୂଆଦିଲ୍ଲୀ:** ଅନ୍ତରୀଣ ଜାମିନ କଣ୍ଟ ପୂରିବା ପରେ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେଜ୍ରିୱାଲ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଜେଲ ନିୟମ ଅନୁସାରେ ସୂର୍ଯ୍ୟାସ୍ତ ପୂର୍ବରୁ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି କେଜ୍ରିୱାଲ।

ଜେଲ୍ ଫେରିବା ପୂର୍ବରୁ ରାଜଘାଟରେ ମହାତ୍ମା ଗାନ୍ଧିଙ୍କ ସ୍ମାରକୀ ଏବଂ କନକ ପ୍ଲେସରେ ଥିବା ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ କେଜ୍ରିୱାଲ। ଏଥିସହ ଦିଲ୍ଲୀର ଡିଡିୟୁ ମାର୍ଗରେ ଥିବା ଇଇଚ କାର୍ଯ୍ୟାଳୟକୁ ବି ଯାଇଥିଲେ। ଆପ୍ କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି।

ଦଳୀୟ କର୍ମକର୍ତ୍ତାଙ୍କୁ ଉଦବୋଧନ ଦେବା ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ବର୍ଷି କେଜ୍ରିୱାଲ କହିଛନ୍ତି, ସେ ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ଜେଲରେ ରଖାଯାଇଛି। ମୋ ବିରୁଦ୍ଧରେ କୌଣସି ପ୍ରମାଣ ନାହିଁ ବୋଲି ମୋଦି ସମଗ୍ର ଦେଶ ଆଗରେ ମାନିଛନ୍ତି। ବିନା ପ୍ରମାଣରେ ମୋତେ ଜେଲରେ



ରଖାଯାଇଛି ବୋଲି କେଜ୍ରିୱାଲ କହିଛନ୍ତି। ଏଥିସହ ଲୋକସଭା ନିର୍ବାଚନରେ ପ୍ରଚାର ପାଇଁ ତାଙ୍କୁ ୨୧ ଦିନିଆ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଥିବାରୁ ସୁପ୍ରିମକୋର୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦିଲ୍ଲୀ ମଦ ନୀତିରେ ଅର୍ଥ ହେରଫେର ଅଭିଯୋଗରେ ଗିରଫ ହୋଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ମାର୍ଚ୍ଚରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ଲୋକସଭା ନିର୍ବାଚନ ପ୍ରଚାର ପାଇଁ ସେ ସୁପ୍ରିମକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ମଧ୍ୟ ତାଙ୍କୁ ୨୧ ଦିନିଆ ଅନ୍ତରୀଣ ଜାମିନ ଦେଇଥିଲେ।

ମେ ୧୦ରୁ କେଜ୍ରିୱାଲ ଜାମିନରେ ଆସିଥିବାରୁ (ଜୁନ୍ ୧)ରେ ଅବଧି ଶେଷ ହୋଇଛି। ତେଣୁ ନିୟମ ଅନୁସାରେ ସେ ଆଜି ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲା
## ପୁଣି ବଢିଲା କେ କବିତାଙ୍କ ନ୍ୟାୟିକ ହେପାଜତ ଅବଧି

**ନୂଆଦିଲ୍ଲୀ:** ଭାରତ ରାଷ୍ଟ୍ର ସମିତି (ବିଆରଏସ) ନେତ୍ରୀ ତଥା ତେଲେଙ୍ଗାନା ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କୁ ଝଟକା। କବିତାଙ୍କ ନ୍ୟାୟିକ ହେପାଜତ ଅବଧି ପୁଣି ବୃଦ୍ଧି କରିଛନ୍ତି କୋର୍ଟ। ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ କବିତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ଜୁଲାଇ ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦିଲ୍ଲୀ ମଦ ଦୁର୍ନୀତିରେ ଅର୍ଥ ହେରଫେର ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି କେ କବିତା। ଏହି ମାମଲା ଉପରେ କୋର୍ଟ କେ କବିତାଙ୍କ ନ୍ୟାୟିକ ହେପାଜତ ଅବଧି ବୃଦ୍ଧି କରିଥିବା ବେଳେ ଅନ୍ୟ ତିନି ଜଣଙ୍କୁ ଜାମିନ ଦେଇଛନ୍ତି। ପ୍ରିନ୍ସ, ଅରବିନ୍ଦ ଏବଂ ଦାମୋଦରଙ୍କୁ ଏକ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବୋଣ୍ଡ ଆଧାରରେ ବେଲ୍ ମିଳିଛି, କିନ୍ତୁ କେ କବିତାଙ୍କୁ କୋର୍ଟଙ୍କ ପକ୍ଷରୁ କୌଣସି ପକ୍ଷରୁ ଆଶ୍ୱସ୍ତି ମିଳିନାହିଁ।



ପ୍ରକାଶ ଥାଉକି, ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ କବିତାଙ୍କ ବିରୁଦ୍ଧରେ ୨ଟି ଅଭିଯୋଗ ରହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୋଟିଏ ମାମଲା ରୁଜୁ କରିଥିବା ବେଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (CBI) ମଧ୍ୟ ଏକ ମାମଲା ରୁଜୁ କରିଛି। ଇଡି ଅଭିଯୋଗ ଅନୁସାରେ, ଦିଲ୍ଲୀର ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ ଆପ୍‌କୁ ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା। ଏହି ଗ୍ରୁପର କବିତା ଜଣେ ମୁଖ୍ୟ ସଦସ୍ୟ। ଏହି ଅଭିଯୋଗକୁ ଭିତ୍ତି କରି ମାର୍ଚ୍ଚ ୧୫ରେ ଇଡି ତାଙ୍କୁ ହାଇଦ୍ରାବାଦ ସ୍ଥିତ ବାସଭବନରୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସମାନ ମାମଲାରେ ସିବିଆଇ ତାଙ୍କୁ ତିହାର ଜେଲରୁ ଗିରଫ କରିଛି।

## ବ୍ରହ୍ମୋସ ଏରୋସ୍ପେସର ଜଣେ ପୂର୍ବତନ ଇଞ୍ଜିନିୟରଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ:** ବ୍ରହ୍ମୋସ ଏରୋସ୍ପେସର ଜଣେ ପୂର୍ବତନ ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି କୋର୍ଟ। ପାକିସ୍ତାନର ଗୁପ୍ତଚର ଏଜେନ୍ସି ଓଝଓକୁ ଗୁପ୍ତ ସୂଚନା ଦେଇଥିବା ଅଭିଯୋଗରେ ନାଗପୁର ଜିଲ୍ଲା କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ଏହା ବାଦ୍ ଅଗ୍ରୱାଲଙ୍କୁ ୧୪ ବର୍ଷର କଠୋର କାରାଦଣ୍ଡ (Rigorous Imprisonment) ସହ ୩,୦୦୦ ଟଙ୍କାର ଜରିମାନା ପକାଯାଇଛି। ନିଶାନ୍ତଙ୍କୁ ସରକାରୀ ଗୋପନୀୟତା ଅଧିନିୟମ ଆଧାରରେ ଦଣ୍ଡିତ କରାଯାଇଛି। ସୂଚନା ଅନୁସାରେ, ନାଗପୁରରେ ଥିବା ବ୍ରହ୍ମୋସ ଏରୋସ୍ପେସର କ୍ଷେପଣାସ୍ତ୍ର କେନ୍ଦ୍ରର ଟେକ୍ନିକାଲ ରିସର୍ଚ୍ଚ ବିଭାଗରେ ନିଯୋଜିତ ଥିଲେ। ୨୦୧୮ରେ ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରର ମିଲିଟାରୀ ଇଣ୍ଟେଲିଜେନ୍ସ ଏବଂ ଆଣ୍ଟି-ଟେରୋରିଜମ ସ୍କ୍ୱାର୍ଡ ମିଳିତ ଭାବେ ତଦନ୍ତ କରି ନିଶାନ୍ତଙ୍କୁ ଗିରଫ କରିଥିଲା। ତାଙ୍କ ବିରୁଦ୍ଧରେ ଏକାଧିକ ମାମଲା ରୁଜୁ ହୋଇଥିଲା। ସେ ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ କୁ ସମ୍ବେଦନଶୀଳ ତଥ୍ୟ ଲିକ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଉପରେ ନାଗପୁର ଜିଲ୍ଲା କୋର୍ଟ ଶୁଣାଣି କରି ତାଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି।

## ବିଜେପିର ମାନହାନୀ ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଜାମିନ

**ନୂଆଦିଲ୍ଲୀ:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଜାମିନ। ବିଜେପି ପକ୍ଷରୁ କରାଯାଇଥିବା ମାନହାନୀ ମାମଲାରେ



ଆଜି ଏକ କୋର୍ଟ ଉଭୟଙ୍କୁ ଜାମିନ ଦେଇଛନ୍ତି। କଂଗ୍ରେସର ଏହି ଦୁଇ ଟାଣୁଆ ନେତା ସିଦ୍ଧରମୈୟା ଓ ଶିବକୁମାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ବସଭରାଜ ବମ୍ମାଇଙ୍କ ସମେତ ଦଳର ଅନ୍ୟ ସଦସ୍ୟଙ୍କ ବିରୋଧରେ ମିଥ୍ୟା ବିଜ୍ଞାପନ ପ୍ରଚାର କରୁଥିବା ଅଭିଯୋଗ ହୋଇଥିଲା। ବିଜେପି ଏମଏଲସି ତଥା ସାଧାରଣ ସମ୍ପାଦକ କେଶବ ପ୍ରସାଦ ମାନହାନୀ ମାମଲା ଦାଏର କରିଥିଲେ। କେଶବ ପ୍ରସାଦ ଗତ ବର୍ଷ ମେ'ରେ ସିଦ୍ଧରମୈୟା, ଶିବକୁମାରଙ୍କ ସମେତ ରାହୁଲ ଗାନ୍ଧିଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। କୋର୍ଟ ଏହି ଅଭିଯୋଗର ଶୁଣାଣି କରିଛନ୍ତି। ଆବେଦନ ଶୁଣିବା ପରେ କୋର୍ଟ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଜାମିନ ଦେଇଛନ୍ତି।

### ଯୌନ ନିର୍ଯାତନା ମାମଲା

## ସାଂସଦ ରେଭାନ୍ନାଙ୍କୁ ଜୁନ ୬ ଯାଏ ରିମାଣ୍ଡରେ ନେଲା ଏସ୍ଆଇଟି

**ନୂଆଦିଲ୍ଲୀ:** ଶହଶହ ମହିଳାଙ୍କୁ ଯୌନ ନିର୍ଯାତନା ଦେଇ ବ୍ଲାକମେଲିଂ କରିବା ଅଭିଯୋଗରେ ଗିରଫ ହୋଇଥିବା କର୍ଣ୍ଣାଟକାର ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କୁ ରିମାଣ୍ଡରେ ନେଇଛି ଏସ୍ଆଇଟି। ଜର୍ମାନୀରୁ ଫେରିଥିବା ରେଭାନ୍ନାଙ୍କୁ ଏସ୍ଆଇଟି ଏୟାରପୋର୍ଟରୁ ହିଁ ଗିରଫ କରିଥିଲା। ଏହାପରେ ଅପରାହ୍ନରେ ତାଙ୍କୁ ବେଙ୍ଗାଲୁରୁର ଗୋଟିଏ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଜୁନ ୬ ଯାଏ ଏସ୍ଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଏହି ସମୟରେ ଏସ୍ଆଇଟି ତାଙ୍କୁ ଯୌନ ନିର୍ଯାତନା ଘଟଣାରେ ପଚରାଉଚରା କରିବ। ସେହିପରି ଭାଇରାଲ ସେକ୍ସ ଭିଡିଓରେ ଥିବା ସ୍ୱର ରେଭାନ୍ନାଙ୍କର କି ନୁହେଁ, ତା'ର ମଧ୍ୟ ଫରେନ୍ସିକ ଯାଞ୍ଚ ହେବ।



କେମ୍ପେଗୌଡା ଏୟାରପୋର୍ଟରେ ପ୍ରଜ୍ୱଳ ପହଞ୍ଚିବା ପରେ ତାଙ୍କୁ ମହିଳା ପୁଲିସ୍ କର୍ମୀଙ୍କ ଏକ ଟିମ୍ ଗିରଫ କରିଥିଲେ। ଏହାପରେ ତାଙ୍କୁ ସିଆଇଡି ଅଫିସ ଅଭିମୁଖେ ନିଆଯାଇଥିଲା। ସେଠାରେ ତାଙ୍କୁ ପଚରାଉଚରା କରାଯାଇଥିଲା। SIT ଟିମ୍ ଏୟାରପୋର୍ଟରୁ ପ୍ରଜ୍ୱଳଙ୍କ ସହ ଦୁଇଟି ସୁଟକେଶ୍ ବି ନେଇ ଯାଇଛି। ପ୍ରାଥମିକ ଜେରା ପରେ ହାସନ ସାଂସଦ ପ୍ରଜ୍ୱଳଙ୍କୁ ସ୍ଥାନୀୟ ସରକାରୀ ହସ୍ପିଟାଲକୁ ମେଡିକାଲ ଚେକଅପ ପାଇଁ ନିଆଯାଇଥିଲା। ମେଡିକାଲ ଯାଞ୍ଚ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଏସ୍ଆଇଟି ଘଟଣାର ଅଧିକ ତଦନ୍ତ ପାଇଁ ପ୍ରଜ୍ୱଳଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟ ଜୁନ ୬ ଯାଏ ତାଙ୍କୁ ରିମାଣ୍ଡରେ ପଠାଇ ଦେଇଛନ୍ତି।

କର୍ଣ୍ଣାଟକାରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ପ୍ରଜ୍ୱଳ ରେଭାନ୍ନାଙ୍କ ସେକ୍ସ ଭିଡିଓ ଭାଇରାଲ ହୋଇଥିଲା। ସେ ଶହଶହ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆସିବା ପରେ ସେ ଦେଶ ଛାଡ଼ି ଜର୍ମାନୀ ଚାଲି ଯାଇଥିଲେ। ତାଙ୍କ ଘରେ କାମ କରୁଥିବା ଜଣେ ଘରୋଇ ସହକାରୀ ମଧ୍ୟ ପ୍ରଜ୍ୱଳ ରେଭାନ୍ନା ଓ ତାଙ୍କ ବାପା ଏଚ୍‌ଡି ରେଭାନ୍ନାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
Editor: Gyana Ranjan Mishra
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର